# ଭୁବନେଶ୍ୱର ସିଟି



## ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ; ଜଣେ ଗିରଫ

ଭୁବନେଶ୍ୱର, ୨୪।୪ (ସମିସ): ମହିଳାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବ୍ରହ୍ମକୁଣ୍ଡଳ ଗାଁର କାହ୍ନା ଓରଫ୍ କାହ୍ନୁଚରଣ ମଙ୍ଗରାଜ (୩୪)। ପୁଲିସ ସୂଚନା ଅନୁସାରେ, ଝିଙ୍କରଡ଼ା ଶତ୍ରୁଶୁଆଁ ଅଞ୍ଚଳର ସାବିତ୍ରୀ ସାମନ୍ତରାୟ ଗତମାସ ୨୬ ତାରିଖ ମଧ୍ୟାହ୍ନରେ ତାରିଣୀ ମଣ୍ଡପ ନିକଟରେ ଛିଡ଼ା ହୋଇଥିବା ବେଳେ କାହ୍ନା ଓ ତାର ଅନ୍ୟ ତିନି ସହଯୋଗୀ



ମୋଟର ସାଇକେଲରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଏଥିସହିତ ଗୁଳିକରି ଜୀବନରୁ ମାରିଦେବା ଲାଗି ଧମକ ଦେଇ ପଳାଇଥିଲେ। ଏହି ଯୋଜନାବଦ୍ଧ ଆକ୍ରମଣ ଯୋଗୁଁ ସାବିତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା ଓ ସ୍ଥାନୀୟ ଲୋକ ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବୁଧବାର କାହ୍ନାକୁ ଗିରଫ କରି କୋର୍ଟ ଚାଲାଣ କରିଛି। କାହ୍ନା ନାମରେ ପୂର୍ବରୁ ତମାଣ୍ଡୋ ଥାନାରେ ୨ଟି ଓ ଏୟାରଫିଲ୍ଡ ଥାନାରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ବଞ୍ଚାଇଦେଲା ନାଳି ସୂତା

# ବିଶ୍ୱାସରେ ବନ୍ଧା ପରିବେଶ

ଭୁବନେଶ୍ୱର, ୨୪।୪(ସମିସ):

ଉନ୍ନତୀକରଣ ନାମରେ ରାଜଧାନୀରେ ଶିଳ୍ପ ପ୍ରତିଷ୍ଠା, ଗୃହ ଓ ବିଶାଳ ଅଟ୍ଟାଳିକା ନିର୍ମାଣ ଏବଂ ରାସ୍ତା ଚଉଡ଼ା ହେଲେ ପ୍ରଥମେ ଗଛକୁ କଟି ଦିଆଯାଉଛି। ଏପରି କି ପାଣି ପାଇପ୍ ସଂଯୋଗ, ବିଦ୍ୟୁତ୍ ବିଛାଇବା, ଗ୍ୟାସ ଲାଇନ୍ ସଂଯୋଗ ବେଳେ ବଡ଼ ବଡ଼ ଗଛକୁ କାଟି ଦିଆଯିବା ଘଟଣା ସବୁଦିନିଆ ହୋଇଗଲାଣି। ଗଛକଟାକୁ କିଛିଲୋକ ବିରୋଧ କଲେ ବି ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଏପରିସ୍ଥଳେ ଧର୍ମୀୟ ବିଶ୍ୱାସକୁ ଆଧାର କରି ଗଛରେ ନାଳିସୁତା ବନ୍ଧା ଯାଇଥିବା ରାଜଧାନୀରେ ଅନେକ ପୁରୁଣା ଗଛକୁ କଟାଯାଇପାରି ନାହିଁ।

ବଡଗଡ଼ ଥାନା ନିକଟରେ ରାସ୍ତା ଚଉଡ଼ା ନାମରେ ଗଛ କଟାଯାଉଥିଲା। ବହୁସଂଖ୍ୟାରେ ବିଶାଳ ବରଗଛ କଟିଦିଆଗଲା। ହେଲେ ନାଳିସୁତା ଏବଂ କପଡ଼ା ବନ୍ଧାଯାଇଥିବା ଏକ ବରଗଛକୁ ଛାଡ଼ିଦିଆଗଲା। ଆସ୍ଥା ଦ୍ୱାରା ଆଚ୍ଛାଦିତ ଥିବାରୁ ଏହାକୁ କେହି କାଟିଲେ ନାହିଁ। ସେହିପରି ବଡ଼ଗଡ଼ ବ୍ରିଟ୍ କଲୋନୀରେ ଶନିମନ୍ଦିରକୁ ଲାଗିରହିଥିବା ଏକ ବିଶାଳ ଓସ୍ତ ଗଛକୁ ଲୋକେ ପୂଜା କରୁଛନ୍ତି। ନିଜର ମନସ୍କାମନା ପୂରଣ ପାଇଁ ନାଳିଫିତା ବାନ୍ଧୁଛନ୍ତି। ଦିନେ ଏହି ବାଟ ଦେଇ କଂକ୍ରିଟ ରାସ୍ତା ଗଲା। ଆଖପାଖରେ ଥିବା ଅଧିକାଂଶ ଗଛକୁ କଟି ମୂଳପୋଛ କରିଦିଆଗଲା। ପୂଜାପାଉଥିବା ଓସ୍ତଗଛର ଡାଳ ଖଣ୍ଡେ କାଟିବାକୁ କେହି ସାହସ କଲେ ନାହିଁ। ସେହିପରି ମାଷ୍ଟରକ୍ୟାଣ୍ଟିନ, ରାମମନ୍ଦିର ସାମ୍ନା ରାସ୍ତାରେ ଫୁଟପାଥ୍ ଏବଂ

**ଗଛ ପାଇଁ ଯୋଜନା ସହ ବଦଳୁଛି ରାସ୍ତା ମୋଡ଼**

**କାଟିବାକୁ ରାଜି ହେଉନାହାନ୍ତି ଗଛକଟାଳି**



ସୌନ୍ଦର୍ଯ୍ୟକରଣ ନାମରେ ଅନେକ ଗଛ କାଟି ଦିଆଗଲା। ହେଲେ ଗଛରେ ବନ୍ଧା ଯାଇଥିବା ନାଳିଫିତା ୨ଟି ଗଛକୁ ଏବେ କଟାଯିବାରୁ ବଞ୍ଚିତ କରିପାରିଛି। ରାଜଧାନୀରେ ରସୁଲଗଡ଼, ପଳାଶୁଣୀ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ନାଳି ଫିତା ଯୋଗୁଁ କଂକ୍ରିଟ ଜଙ୍ଗଲ ମଧ୍ୟରେ ଅନେକ ଗଛ ସଂରକ୍ଷିତ ହୋଇରହିଛି। ଲୋକଙ୍କ ମନର ଆସ୍ଥା ରାଜଧାନୀର ଅନେକ ଗଛକୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇଛି। ଏହି ଗଛ ସାମ୍ନାରେ ରାସ୍ତା ଯାଉ କିମ୍ବା ବିଦ୍ୟୁତ ତାର, ବହୁଦିନ ଧରି ଥିବା ଗଛଗୁଡ଼ିକ ନିଜସ୍ଥାନରୁ କିନ୍ତୁ ହଟୁ ନାହିଁ। ବରଂ ରାସ୍ତା ନିଜର ଦିଗ ପରିବର୍ତ୍ତନ କରି ଦେଉଛି। ବିଦ୍ୟୁତ୍ ତାରକୁ ବୁଲାଇ ବୁଲାଇ ନିଆଯାଉଛି। ବିଭିନ୍ନ ସରକାରୀ ଯୋଜନା ପରିବର୍ତ୍ତନ ହୋଇଯାଉଛି। ଗଛଗୁଡ଼ିକରେ ବନ୍ଧାଯାଇଥିବା ନାଳିଫିତାକୁ ଦେଖି ଗଛକଟାଳି ଗଛକାଟିବାକୁ ମନା କରି ଦେଉଛି। ରାସ୍ତା ଚଉଡ଼ା କରୁଥିବା ଠିକାଦାର ଏହିଗଛଗୁଡ଼ିକ କାଟିବାକୁ କୌଣସି ମତେ ଲୋକ ସମର୍ଥନ ହାସଲ କରି ପାରୁ ନାହାନ୍ତି। ପ୍ରଶାସନ ଲୋକଙ୍କ ଆସ୍ଥାକୁ ଦେଖି ପଛ ଘୁଞ୍ଚି ଦେଇ ବିକଳ୍ପ ଯୋଜନା ପ୍ରସ୍ତୁତ କରୁଛି। ଅନେକ କ୍ଷେତ୍ରରେ ଗଛଗୁଡ଼ିକ ଲୋକଙ୍କ ଆସ୍ଥା ଯୋଡ଼ି ହୋଇ ରହିଥିବାରୁ କୋର୍ଟ ମଧ୍ୟ ଗଛ ନ କାଟିବାକୁ ରାୟ ପ୍ରଦାନ କରୁଛନ୍ତି।

ଏହିଭଳି ଗଛପାଖରେ ରାସ୍ତା ଏବଂ କଂକ୍ରିଟ ନିର୍ମାଣ ନିଜର ଦିଗ ପରିବର୍ତ୍ତନ କରିଦେଉଛି। ଏହି ବିଶାଳକାୟ ଗଛଗୁଡ଼ିକ ଏଠାରେ ରହି ଏବେବି ଲୋକଙ୍କୁ ଟାଣ ଖରାରେ ଛାଇ ପ୍ରଦାନ କରୁଛି। ଏହାସହ ସହରକୁ ଥଣ୍ଡା ରଖିବାରେ ସାହାର୍ଯ୍ୟ କରୁଛି। ଏହି ଉପାୟରେ ଅନେକଗୁଡ଼ିଏ ଗଛ କଟିବାରୁ ରୋକା ଯାଇପାରିବ ବୋଲି ବହୁ ଲୋକେ ମତବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ଅର୍ବାନପ୍ଲାନର ଡଃ ପୀୟୁଷ ମହାନ୍ତି କହିଛନ୍ତି, ଏଭଳି ଉପାୟରେ ଅନେକ ଗଛକୁ ସଂରକ୍ଷିତ କରି ରଖାଯାଇ ପାରିବ।

ହିନ୍ଦୁ ଧର୍ମ ସହ ଗଛର ସମ୍ପର୍କ ବହୁ ପୁରୁଣା। ଧାର୍ମିକ କାର୍ଯ୍ୟରେ ବିଭିନ୍ନ ଗଛର ମହତ୍ୱ ଅନେକ। ତୁଳସୀକୁ ପ୍ରତ୍ୟେକ ଦିନ ଲୋକେ ଘରେ ପୂଜା କରନ୍ତି। ତେଣୁ ଆଜି ବି ହିନ୍ଦୁ ଧର୍ମରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକଙ୍କ ଘରେ ତୁଳସୀ ଗଛ ଦେଖିବାକୁ ମିଳୁଛି। ସେହିପରି ଗାଁ ଗଣ୍ଡାରେ ବର, ଓସ୍ତ, ଲିମ୍ବ, ବେଲ ଗଛକୁ ପୂଜା କରାଯାଏ। ଏଣୁ ଏହି ଗଛଗୁଡ଼ିକୁ ହଣାଯାଏ ନାହିଁ। କେବଳ ଗଛ ନୁହେଁ ଛୋଟ ଛୋଟ ଜଙ୍ଗଲକୁ ମଧ୍ୟ ଲୋକେ ପୂଜାକରି ସଂରକ୍ଷଣ କରନ୍ତି। ଆଦୀବାସୀମାନେ ଛୋଟ ଜଙ୍ଗଲକୁ ପୂଜା କରିବା ସହ ଏହାକୁ ସଂରକ୍ଷଣ କରିଥାନ୍ତି। ଅସ୍ଥା ଦ୍ୱାରା ଆଚ୍ଛାଦିନ ରାଜ୍ୟରେ ୩୨୨ ଜଙ୍ଗଲକୁ ଏଭଳି ସଂରକ୍ଷଣ କରି ରଖାଯାଇଛି। ଯାହା ୮୪ ହେକଟର ଜମିରେ ପରିବ୍ୟାପ୍ତ ବୋଲି ଏକ ଆକଳନରୁ ଜଣାପଡ଼ିଛି।



# ଝାରପଡ଼ା ଜେଲ୍‌ରେ ଫିଙ୍ଗର୍‌ପ୍ରିଣ୍ଟ ମେସିନ୍

ଭୁବନେଶ୍ୱର, ୨୪।୪ (ସମିସ): ଜେଲ ସଂସ୍କାର ଦିଗରେ ଜେଲ ବିଭାଗର ଆଉ ଏକ ନୂଆ ପଦକ୍ଷେପ। ଏଣିକି ଜେଲକୁ ଆସୁଥିବା ଅନ୍ତେବାସୀଙ୍କ ଫିଙ୍ଗରପ୍ରିଣ୍ଟ ରହିବ। ଏଥିପାଇଁ ଝାରପଡ଼ା ଜେଲକୁ ଗୋଟିଏ ଫିଙ୍ଗର୍‌ପ୍ରିଣ୍ଟ ମେସିନ୍ ମିଳିଛି। ଜେଲକୁ ଆସୁଥିବା ନୂଆ ଓ ପୂର୍ବରୁ ଥିବା ପୁରୁଣା କଏଦୀଙ୍କ ଫିଙ୍ଗରପ୍ରିଣ୍ଟ ଅପଲୋଡ୍ କରାଯିବା ସହ ସେମାନଙ୍କ ଆଧାରକାର୍ଡ ବି ଯାଞ୍ଚ କରାଯିବ।

ଅପରାଧୀମାନେ ଅପରାଧ ଘଟାଇ ଏକାଧିକ ଥର ଜେଲ ଆସୁଛନ୍ତି। କିନ୍ତୁ ଅନେକ କ୍ଷେତ୍ରରେ ଅପରାଧୀଙ୍କ ରେକର୍ଡ ନ ଥିବାରୁ ପେସାଦାର ଅପରାଧୀମାନେ କୋହଳ ବ୍ୟବସ୍ଥାର ଫାଇଦା ନେଉଛନ୍ତି। କେତେ ଅପରାଧରେ କଏଦୀଙ୍କ ସମ୍ପୃକ୍ତି ରହିଛି, କେଉ ପ୍ରକାରର ଅପରାଧ ରହିଛି ଓ ଜଘନ୍ୟ ଅପରାଧରେ ସଂଶ୍ଲିଷ୍ଟ ରହିଛି କି ନାହିଁ, ଫିଙ୍ଗରପ୍ରିଣ୍ଟ ଯାଞ୍ଚ ପରେ ଜଣାପଡ଼ିବ। ଏହି ଫିଙ୍ଗରପ୍ରିଣ୍ଟ ମେସିନ୍ ଝାରପଡ଼ା ଜେଲର କର୍ମଚାରୀଙ୍କ ଲାଗି ବେଶ୍ ସହାୟକ ହେବ। ଜେଲକୁ ଆସୁଥିବା ଅନେକଙ୍କ ଆଧାରକାର୍ଡ ନକଲି ରହୁଛି। କେଉଁଠି ବାପା ନାମ ଭୁଲ୍ ତ କେଉଁଠି ପରିଚୟ ମଧ୍ୟ ଭୁଲ୍ ରହିଛି। ଅନେକ କ୍ଷେତ୍ରରେ ଠିକଣା ବି ବଦଳାଇ ଦେଉଛନ୍ତି। ତେଣୁ କଏଦୀଙ୍କ ଆଧାରକାର୍ଡ ଯାଞ୍ଚ ଲାଗି ଏକ ମେସିନ୍ ଦିଆଯାଉଛି। ତେବେ ଏହି ବ୍ୟବସ୍ଥା

**ଅଙ୍ଗୁଳି ଛାପରୁ ଧରାପଡ଼ିବ କଏଦୀଙ୍କ ଅପରାଧ ରେକର୍ଡ**

**ଯାଞ୍ଚହେବ ଆଧାରକାର୍ଡ, ଆଗକୁ ୮୭ ଜେଲ୍‌ରେ ହେବ କାର୍ଯ୍ୟକାରୀ**

କାର୍ଯ୍ୟକାରୀ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ନୂଆ ପଦକ୍ଷେପ ଫଳରେ ଜେଲ କର୍ତ୍ତୃପକ୍ଷ ଆଉ କମିସନରେଟ୍ ପୁଲିସ ଉପରେ ନିର୍ଭର କରିବନି। ଅନ୍ତେବାସୀଙ୍କ ଅପରାଧର ଚରିତ୍ରର ପଞ୍ଜିକା ଦେଖି ସେହି ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସବୁଠାରୁ ବଡ଼ କଥା ହେଲା ଫିଙ୍ଗରପ୍ରିଣ୍ଟ ମେସିନରେ ଆଙ୍ଗୁଠିର ଟିପ ଅପଲୋଡ୍ କରାଯିବ। ଏହା ସମସ୍ତ ଜେଲ୍‌ର ଫିଙ୍ଗରପ୍ରିଣ୍ଟ ମେସିନ୍‌ର ସଂଯୋଗ କରାଯିବ। ସମ୍ପୃକ୍ତ କଏଦୀ ରାଜ୍ୟରେ ଥିବା ଅନ୍ୟ କେଉଁ ଜେଲକୁ ଯାଇଥିଲେ, ତାହା ମେସିନ୍ ଦ୍ୱାରା ଦର୍ଶାଇବ।

ରାଜ୍ୟରେ ଥିବା ୮୭ଟି ଜେଲ୍‌କୁ ଏହି ଫିଙ୍ଗରପ୍ରିଣ୍ଟ ମେସିନ୍ ଦିଆଯିବ। ପ୍ରଥମ ଦିନରେ ୨୪ଟି ଜେଲକୁ ଫିଙ୍ଗରପ୍ରିଣ୍ଟ ମେସିନ୍ ପ୍ରଦାନ କରାଯାଇଛି। କଟକ ସର୍କଲରେ ୧୩ଟି ଜେଲ ଓ ଅନୁଗୋଳ ସର୍କଲରେ ଥିବା ୧୧ଟି ଜେଲକୁ ଏହି ମେସିନ୍ ଦିଆଯାଇଛି। ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ଅବଶିଷ୍ଟ ଜେଲଗୁଡ଼ିକୁ ଏହି ମେସିନ୍ ଦିଆଯିବ। ଆଜିଠୁ ୪ଦିନ ଧରି ଝାରପଡ଼ା ଜେଲ୍ ପରିସରରେ ଏହି ତାଲିମ୍ ଶିବିର ଚାଲିବ। ରାଜ୍ୟରେ ଥିବା ପ୍ରତ୍ୟେକ ଜେଲ ନିଜର ଜଣେ ଦକ୍ଷ କର୍ମଚାରୀଙ୍କୁ ତାଲିମ୍ ଲାଗି ପଠାଇବେ। ସେମାନେ ଫିଙ୍ଗର୍‌ପ୍ରିଣ୍ଟ ଓ ଆଧାରକାର୍ଡ ଯାଞ୍ଚ ବିଷୟରେ ତାଲିମ୍ ନେବେ। ଦିନିକିଆ ତାଲିମ୍ ନେଇ ସମ୍ପୃକ୍ତ କର୍ମଚାରୀ ଜଣକ କାର୍ଯ୍ୟ କରୁଥିବା ଜେଲ୍‌ର ଅନ୍ୟ ସହଯୋଗୀଙ୍କୁ ଶିଖାଇବେ। ଫିଙ୍ଗରପ୍ରିଣ୍ଟ ମେସିନ୍ ଯୋଗାଇଥିବା ସଂସ୍ଥା ପକ୍ଷରୁ ଜେଲ କର୍ମଚାରୀଙ୍କୁ ତାଲିମ୍ ଦିଆଯାଉଛି।

## ■ ଜାଲ୍ ଜମି କାଗଜପତ୍ର ଦେଖାଇ ୩୩ ଲକ୍ଷ ଠକେଇ

# ବନ୍ଧାହେଲେ ସ୍କୁଲ୍ ସମ୍ପାଦକ

ଭୁବନେଶ୍ୱର/ନନ୍ଦନକାନନ, ୨୪।୪ (ସମିସ): ଜମି ବିକ୍ରି କରିବା ଆଳରେ ଜାଲ୍ କାଗଜପତ୍ର ଦେଖାଇ ୩୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଏସିଆନ୍ ପବ୍ଲିକ୍ ସ୍କୁଲର ସେକ୍ରେଟାରୀଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବାମ୍ଫିଡ଼ି ଗାଁର ପତିତପାବନ ମିଶ୍ର। ପୁଲିସ ସୂଚନା ଅନୁଯାୟୀ, ପ୍ରଶାନ୍ତ କୁମାର ନାୟକ ତାଙ୍କ ପୁଅକୁ ଗତବର୍ଷ ଜାନୁୟାରୀ ମାସରେ ଏସିଆନ୍ ପବ୍ଲିକ ସ୍କୁଲରେ ପାଠ ପଢ଼ାଇବା ପାଇଁ ସ୍କୁଲ୍‌ର ପରିଚାଳିକା ଶୁଭ୍ରାଞ୍ଜଳି ମଲ୍ଲିକ ପ୍ରବର୍ତ୍ତାଇ ଥିଲେ। ପରେ ସ୍କୁଲର ସେକ୍ରେଟାରୀ ପତିତପାବନ ମିଶ୍ରଙ୍କ ନାମରେ ପଟିଆ ଅଞ୍ଚଳରେ ଥିବା ଏକ ଘରବାରି ପ୍ଲଟ୍ କିଣିବା ଲାଗି ପ୍ରଶାନ୍ତଙ୍କୁ ଶୁଭ୍ରାଞ୍ଜଳି ପ୍ରସ୍ତାବ ଦେଇଥିଲେ। ଜମିର ସମସ୍ତ ଜେରକ୍ସ କାଗଜପତ୍ର ଦେଖି ସାରିବା ପରେ ଗତବର୍ଷ ଜାନୁୟାରୀ ୧୯ ତାରିଖରେ ୬ ମାସ ମଧ୍ୟରେ ପ୍ଲଟ୍‌ଟିକୁ ପ୍ରଶାନ୍ତଙ୍କ ନାମରେ କରିବା ଲାଗି ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ପ୍ରଶାନ୍ତ ଏହାପରେ ପତିତପାବନଙ୍କୁ ନଗଦ ଓ ଆକାଉଣ୍ଟ ଟ୍ରାନ୍ସଫର୍ ଜରିଆରେ ୭ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ। ପରେ ପରେ ଶୁଭ୍ରାଞ୍ଜଳି ଓ ପତିତପାବନ ବିଭିନ୍ନ ସମୟରେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟାର ଆଳ ଦେଖାଇ ତାଙ୍କୁ ବାରମ୍ବାର ଟଙ୍କା ମାଗିଥିଲେ। ପ୍ରଶାନ୍ତ ଉଭୟଙ୍କ କଥାକୁ ବିଶ୍ୱାସ କରି ଶୁଭ୍ରାଞ୍ଜଳିଙ୍କ ମାର୍ଫତରେ ପତିତପାବନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଆହୁରି ୨୬ ଲକ୍ଷ ଟଙ୍କା ଟଙ୍କା ଦେଇଥିଲେ। ମୋଟ ୩୩ ଲକ୍ଷ ଟଙ୍କା ଦେବାପରେ ମଧ୍ୟ ସେମାନେ ପ୍ରଶାନ୍ତଙ୍କ ନାମରେ ପତିତପାବନ ପ୍ଲଟ୍ ରେଜିଷ୍ଟ୍ରେସନ କରି ନ ଥିଲେ କି ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ। ପ୍ରଶାନ୍ତଙ୍କ ମନରେ ସନ୍ଦେହ ହେବାରୁ ସେ ପତିତପାବନ ଦେଇଥିବା ଜମିର କାଗଜପତ୍ରକୁ ତାଙ୍କ ଓକିଲଙ୍କୁ ଦେଖାଇବା ପରେ ସେଗୁଡ଼ିକ ଜାଲ୍ ଥିବା ଜାଣିବାକୁ ପାଇଥିଲେ। ଏହାପରେ ଟଙ୍କା ଫେରାଇବାକୁ କହିବାରୁ ଶୁଭ୍ରାଞ୍ଜଳି ଓ ପତିତପାବନ ବିଭିନ୍ନ ଅସାମାଜିକଙ୍କ ତାଙ୍କୁ ଧମକଚମକ ଦେଇଥିଲେ। ଏନେଇ ପ୍ରଶାନ୍ତ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରିବା ସହ ଗତ ୩ ତାରିଖ ଦିନ ଶୁଭ୍ରାଞ୍ଜଳିଙ୍କୁ ଗିରଫ କରି କରିଥିଲା। ବୁଧବାର ପତିତପାବନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



**ପୂର୍ବରୁ ଗିରଫ ହୋଇଥିଲେ ପରିଚାଳିକା**

# ୭ ବର୍ଷ ପରେ ଲୁଟେରା ଗିରଫ

ଭୁବନେଶ୍ୱର, ୨୪।୪ (ସମିସ): ସୁନା ଚେନ୍ ଲୁଟ୍ ଘଟଣାର ୭ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିଅନ୍ତା ଥାନା ଅଣ୍ଡିଲୋ ଗାଁର ଏସ୍‌କେ ସରିଫ୍ (୩୭)। ପୁଲିସ ସୂଚନା ଅନୁଯାୟୀ, ୟୁନିଟ୍-୬ ଗଙ୍ଗନଗର ଅଞ୍ଚଳରେ ରହୁଥିବା ବିଶ୍ୱଜିତ ପଟ୍ଟନାୟକଙ୍କ ମାଆ ୨୦୧୭ ମସିହା ଫେବୃୟାରୀ ୨ ତାରିଖରେ ଘର ଗେଟ୍ ପାଖରେ ଛିଡ଼ା ହୋଇଥିବା ସମୟରେ ସରିଫ୍ ଓ ତା'ର ସହଯୋଗୀ ଏକ ମଟରସାଇକଲ ଯୋଗେ



ଘରର ମୁଖ୍ୟ ଗେଟ୍ ନିକଟକୁ ଆସି ସାମଲ ବାବୁ ନାମକ ଜଣେ ବ୍ୟକ୍ତିଙ୍କ ଠିକଣା ପଚାରି ବୁଝିଥିଲେ। ବିଶ୍ୱଜିତଙ୍କ ମାଆ ଗେଟ୍ ନିକଟକୁ ଆସି, ସାମଲ ବାବୁ କିଏ, ଜାଣି ନ ଥିବା କହିଥିଲେ। ସେହି ସମୟରେ ଦୁଇ ଅଭିଯୁକ୍ତ ତାଙ୍କ ବେକରୁ ଏକ ସୁନା ଚେନ୍ ଛିଣ୍ଡାଇନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ବୁଧବାର ବାଲିଅନ୍ତା ଛକ ନିକଟରେ ପୁଲିସ ଚଢ଼ଉ କରି ସରିଫଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

# ଅପରାଧ ଦୁନିଆରେ ପରିବାରବାଦ

ଭୁବନେଶ୍ୱର, ୨୪।୪(ସମିସ):

ପିଢ଼ି ପରେ ପିଢ଼ି ଅପରାଧ ଦୁନିଆରେ ଦବ୍‌ଦବା ଦେଖାଉଛନ୍ତି। ଭୁବନେଶ୍ୱରରେ ଅପରାଧରେ ପୂରା ପରିବାର ସମ୍ପୃକ୍ତି ରହିବା ଘଟଣା ଏବେ ନୂଆ ଧାରା ଦେଖାଯାଉଛି। କିଛି ପରିବାର ବିଶୃଙ୍ଖଳିତ ଆଚରଣ କରି ଟଙ୍କା ରୋଜଗାର କରିବା ଲାଗି ଅପରାଧକୁ ବୃତ୍ତିକୁ ଆପଣାଇଛନ୍ତି। ଅପରାଧ ଘଟାଇବା ଲାଗି ପରିବାରରୁ ମୂଳଦୁଆ ପଡ଼ିବା ସହ ପ୍ରଥମ ଗୁରୁ ଭାବେ ଗଣନା କରାଯାଉଥିବା ବାପା ଓ ମାଆ ଅପରାଧକୁ ପ୍ରୋତ୍ସାହିତ କରୁଛନ୍ତି। ଦମ୍ପତି ଓ ପିଲାଛୁଆ ମିଶି ନିଶା କାରବାର କରୁଛନ୍ତି ତ ଆଉ କେଉଁଠି ନିଜର ସ୍ୱାର୍ଥସାଧନ ଲାଗି ବିରୋଧୀଙ୍କୁ ରାସ୍ତାରୁ ହଟାଇବା ଲାଗି ହତ୍ୟା ଭଳି ଚରମ

**ଅପରାଧର ନକ୍ସା ଆଙ୍କୁଛନ୍ତି ପୂର୍ବପିଢ଼ି**

**ଯୌବନରୁ କ୍ୟାରିଅର୍‌ରେ କଳାଦାଗ**



ନିଷ୍ପତ୍ତି ନେଉଛନ୍ତି। କିଏ ଠେଲା ଲଗାଇ ଜଳଖିଆ ବିକ୍ରି କରି ତ ଆଉ କିଏ ରାସ୍ତାକଡ଼ରେ ପନିପରିବା ବିକ୍ରି କରିବା ଆଳରେ ନିଶା କାରବାର କରୁଛନ୍ତି। ଏଭଳି ଭାବେ ରାଜଧାନୀରେ ପୂରା ପରିବାର ଅପରାଧରେ ସଂଶ୍ଲିଷ୍ଟ ରହୁଥିବା ଦେଖାଯାଉଛି। ଏହିକ୍ରମରେ ହତ୍ୟା, ଠକେଇ, ଚୋରି, ଡକାୟତି, ନିଶା କାରବାର ବେଶ୍ ଆଗରେ ରହିଛି। ପୂର୍ବରୁ ଧଳସାମନ୍ତ ଭ୍ରାତା ହୁଅନ୍ତୁ ଅବା ଗ୍ୟାଙ୍ଗଷ୍ଟର ହାଇଦର୍। ଦିନେ ଏମାନେ ବି ରାଜୁତି କରୁଥିଲେ। ଅପରାଧ ଭିଆଇବା ସହ ପରିବାରକୁ ସାମିଲ କରି ବିସ୍ତାର କରୁଥିଲେ ବିରାଟ ଗ୍ୟାଙ୍ଗ୍। ଏମାନେ ଏବେ ଆଇନ୍‌ରେ ଫାସରେ ଛନ୍ଦି ହେଇ ପୂରା ପରିବାର ମୁକୁଳି ପାରୁନାହାନ୍ତି। କିନ୍ତୁ ଏବେ ପୁଣି ସପରିବାର ମିଶି ଅପରାଧର ଚିଠା ପ୍ରସ୍ତୁତ କରୁଛନ୍ତି। ବର୍ଷରେ ଗିରଫ ହେଉଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୨୫ ପ୍ରତିଶତ ଅଭିଯୁକ୍ତ ଗୋଟିଏ ପରିବାର ରହିଛନ୍ତି।

## ପରିବାର ସମ୍ପୃକ୍ତି କିଛି ଘଟଣା....

- ଟ୍ରାଭେଲ୍ ଏଜେନ୍ସି ନାମରେ ଗଞ୍ଜେଇ ସାମ୍ରାଜ୍ୟ ଚଳାଉଥିବା ବିକାଶ ଦିଗାଲ ଓ ସୌମ୍ୟରଞ୍ଜନ ଦିଗାଲକୁ ଗିରଫ କରାଯାଇଥିଲା ପୁଲିସ। ସେମାନଙ୍କ ଠାରୁ ୫ଟି କାର୍ ସହ ଗଞ୍ଜେଇ ମିଳିଥିଲା। କନ୍ଧମାଳରୁ କାର୍‌ରେ ଗଞ୍ଜେଇ ନେଇ ସେମାନେ ସାରା ଦେଶରେ କାରବାର କରୁଥିଲେ।
- ଇଡିର ଅଧିକାରୀ ପରିଚୟ ଦେଇ ୧୬ ଲକ୍ଷ ଟଙ୍କା ଠକେଇ ମାମଲାରେ ଦୁଇ ଭାଇଙ୍କୁ ଗିରଫ କରିଥିଲା ସ୍ପେଶାଲ ଟାସ୍କ ଫୋର୍ସ। ଗିରଫ ଦୁଇଭାଇ ଢେଙ୍କାନାଳର ତାରିଣୀସେନ ମହାପାତ୍ର ଓ ବ୍ରହ୍ମାଶଙ୍କର ମହାପାତ୍ର। ଜଣେ ସରକାରୀ ଅଧିକାରୀଙ୍କୁ ଭୟଭୀତ କରୁଥିବା ବେଳେ ଦୁଇ ଭାଇଙ୍କୁ କାବୁ କରାଯାଇଥିଲା।
- ୬୪ ଲକ୍ଷର ଦାମୀ ଫର୍ଚୁନର କାର୍‌କୁ କମ୍‌ମୂଲ୍ୟରେ ବିକ୍ରି କରୁଥିବା ଏକ ଗ୍ୟାଙ୍ଗ୍‌କୁ କାବୁ କରିଥିଲା କମିସନରେଟ୍ ପୁଲିସ। ଏକ ପରିବାର କାର୍ ଲୁଟିବା ପରେ ବିକ୍ରି କରୁଥିଲେ। ଏଥିରେ ସମ୍ପୃକ୍ତ ରହିଥିବା ଜାହିଦ ହୁସେନ ଓ ତାଙ୍କ ପତ୍ନୀ ସବାନା ସିଦ୍ଧିକି, ଏମ୍.ଡି ଫରାଜ କାଲର୍ସି ଓ ତାଙ୍କ ପତ୍ନୀ ସାମନ୍ତା ନସରିନ୍ ବେଗମ୍‌ଙ୍କୁ ଗିରଫ କରାଯାଇଥିଲା।
- ସାମାନ୍ୟ ବଚସାରୁ ୭୦ ବର୍ଷୀୟ ବୃଦ୍ଧ ବଂଶୀଧର କାଳିଆଙ୍କୁ କାଠ ଫାଳିଆରେ ପିଟି ୪ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ୩ବର୍ଷ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।
- ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଚୋରା ଚାଲାଣ କରୁଥିବା ବାପା-ପୁଅକୁ ଗିରଫ କରିଥିଲା ଏସ୍‌ଟିଏଫ୍। ଗିରଫ ବାପ-ପୁଅ ହେଲେ ବିଜୟ ପାଣି ଓ ଶତ୍ରୁଜିତ ପାଣି। ସେମାନଙ୍କ ଠାରୁ ୩ କୋଟି ଟଙ୍କାର ସମ୍ପତ୍ତି ମିଳିଥିଲା।
- ବେଆଇନ ବନ୍ଧୁକ କାରବାର ଚଳାଇଥିଲେ ସୁବ୍ରତ ଖୁଣ୍ଟିଆ ଓରଫ ବବ୍‌ଲୁ ଏବଂ ବଡ଼ଭାଇ ସଞ୍ଜୟ ଖଣ୍ଟିଆ ବାପୁନି। ବିହାର ଓ ରାଜସ୍ଥାନରୁ ବନ୍ଧୁକ ଆଣି ସାରା ରାଜ୍ୟରେ ବିକ୍ରି କରୁଛନ୍ତି। ସୁପାରୀ ଲାଗି ଭଡ଼ାରେ ବି ଦେଉଛନ୍ତି। ସେମାନଙ୍କ ନିକଟରୁ ୮ ରୁ ଅଧିକ ବନ୍ଧୁକ ସହ କାବ୍ରାଇନ୍ ଠାବ ହୋଇଛି।
- ବ୍ରାଉନ୍‌ସୁଗର କାରବାର କରୁଥିବା ଦୁଇ ଭଉଣୀ କରିସ୍ମା ରାଉତ ଓ ପ୍ରଜ୍ଞାପ୍ରିୟାଙ୍କୁ ଗିରଫ କରିଥିଲା ସ୍ୱତନ୍ତ୍ର ଅପରାଧ ଶାଖା। ସେମାନଙ୍କଠାରୁ ୨୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରାଯାଇଥିଲା। ପ୍ରେମିକ ଇସାରାରେ ଏହି ଦୁଇ ଭଉଣୀ ବ୍ରାଉନ୍‌ସୁଗର ବିକ୍ରି କରୁଥିଲେ।
- ରାଜଧାନୀର କୁଖ୍ୟାତ ରାଜେଶ ମହାପାତ୍ରର ପୂରା ପରିବାର ଅପରାଧରେ ସମ୍ପୃକ୍ତି ରହିଥିବା ପୁଲିସ ଜାଣିବାକୁ ପାଇଥିଲା। ଚକରା ଡକାୟତି ଅବା ଚୋରି, ଛିନ୍‌ତାଇ କରି ଆଣୁଥିବା ସୁନାଗହଣାକୁ ତାଙ୍କ ମା' ଜ୍ୟୋସ୍ନାରାଣୀ ମହାପାତ୍ର ଓ ଅଜା ସୁନାଦୋକାନରେ ବିକ୍ରି କରୁଥିଲେ। ଏଥିରେ ମାଆ ଓ ପୁଅକୁ ଗିରଫ କରିବା ସହ ସୁନାଗହଣା ଜବତ କରାଯାଇଥିଲା।
- ଭୁବନେଶ୍ୱରରେ ହତ୍ୟା ଭଳି ଏକାଧିକ ଅପରାଧରେ ଜଡ଼ିତ ୩ ଭାଇ ମୃତ୍ୟୁଞ୍ଜୟ ନାୟକ ଓରଫ ମିକୁ, ଧନଞ୍ଜୟ ନାୟକ ଚିକୁ ଓ ସଞ୍ଜୟ ନାୟକ ଲିକୁ ଆତଙ୍କ ଖେଳାଉଥିଲେ। ୩ ଭାଇ ସହରରେ ଖେଳାଇବା ସହ ଅରାଜକତା ସୃଷ୍ଟି କରୁଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା।
- ନିଶା କାରବାର ଓ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡଗିରି ଥାନା ଡୁମୁଡୁମାର ସନାତନ ରାଉତରାୟକୁ ହତ୍ୟା କରିଥିଲେ ଗୋଟିଏ ପରିବାର ୭ ସଦସ୍ୟ। ଏଥିରେ ମୁଖ୍ୟ ଅଭିଯୁକ୍ତର ମାମୁ ଓ ମାଇଁ ଓ ସମ୍ପର୍କୀୟ ଭାଇକୁ ଗିରଫ କରାଯାଇଛି।
- ୧୮ ପତ୍ନୀଙ୍କ ସ୍ୱାମୀ ନକଲି ଡାକ୍ତର ରମେଶ ସ୍ୱାଇଁ ଓ ତାଙ୍କ ପୂରା ପରିବାର ଠକେଇରେ ସମ୍ପୃକ୍ତି ରହିଥିଲା। ରମେଶଙ୍କ ସମେତ ପ୍ରଥମ ପତ୍ନୀ ଶାନ୍ତିଲତା, ଦ୍ୱିତୀୟ ପତ୍ନୀ କମଳା ତିର୍କୀ, ଭଉଣୀ ରଶ୍ମିତା ବଉରା, ମାଆ ଓ ଭିଣୋଇଙ୍କ ସମ୍ପୃକ୍ତି ରହିଥିବା ପୁଲିସ ଜାଣିବାକୁ ପାଇଥିଲା।

## ପରିବାରବାଦରେ ଏରାଗୋଲା, ଇରାନୀ, ଫୌଜି ଗ୍ୟାଙ୍ଗ୍



ଅପରାଧରେ ପରିବାରବାଦ। ସପରିବାର ହୋଇ ଅପରାଧ କରିବା ଲାଗି ବିଶ୍ୱାସ ରଖନ୍ତି। ରାଜଧାନୀରୁ ଧରାପଡ଼ିଥିବା ମଧ୍ୟପ୍ରଦେଶର ଇରାନି ମୁସ୍‌ଲିମ, ଆନ୍ଧ୍ରପ୍ରଦେଶ ଓ ଗଞ୍ଜାମର ଏରାଗୋଲା, ଇରାନର ଇରାନୀ, ହରିୟାଣାର ଫୌଜି ଓ ଉତ୍ତରପ୍ରଦେଶର ବାୱରିଆ ଗ୍ୟାଙ୍ଗ୍ ବେଶ୍ ସକ୍ରିୟ ରହିଛନ୍ତି। ଧରାପଡ଼ିଥିବା ଗ୍ୟାଙ୍ଗ୍‌ର ସଦସ୍ୟମାନେ ଗୋଟିଏ ସମ୍ପ୍ରଦାୟର। ଅପରାଧ ଘଟାଇବାକୁ ଗଲା ବେଳକୁ ସମସ୍ତେ ଏକତ୍ର ହୋଇଯାଆନ୍ତି। ରକ୍ତସମ୍ପର୍କର ହୋଇଥିବା ବେଳେ ଅପରାଧ ଘଟାଇବା ପେସା। ସାରା ଦେଶରେ ଏମାନେ ଅପରାଧ ଘଟାଇଥାନ୍ତି। ଗ୍ୟାଙ୍ଗ୍‌ଗୁଡିକର ଜଣେ ମୁଖିଆ ରହିଛି। ସେ ଏକ ସ୍ଥାନରୁ ରହି ଅପରେଟ୍ କରୁଛି। ଗ୍ୟାଙ୍ଗ୍‌ରେ ଭାଇ, ବାପା, ପତ୍ନୀ, ଭଉଣୀ, ମାମୁ ସହ ଅନ୍ୟାନ୍ୟ ଘର ଲୋକ ରହିଥାନ୍ତି। ଧରାପଡ଼ି ଗିରଫ ହେବା ପରେ ପୁଣି ଜେଲରୁ ମୁକୁଳି ଅପରାଧରେ ସାମିଲ ହେଉଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୨ ● ପାଉଣ୍ଡ ୧୦୩.୭୭
- ୟୁରୋ ୮୯.୧୨ ● ୟେନ୍ ୦.୫୩

**ସୁନା ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୬୦୦ (ଭୁବନେଶ୍ୱର)
- ରୁପା : ୮୬,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୭୩୮.୦୦
- ନିଫ୍ଟି ୨୨,୩୬୮.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ରିଲାଏନ୍ସ ଜୁଏଲ୍ସ ପକ୍ଷରୁ 'ବିନ୍ଧ୍ୟ କଲେକ୍ସନ'ର ଶୁଭାରମ୍ଭ

ମୁମ୍ବାଇ,୨୪।୪(ଏଜେନ୍ସି)



ଅଗ୍ରଣୀ ଗହଣା ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସ ଚଳିତ ବର୍ଷ ଅକ୍ଷୟ ତୃତୀୟା ଉତ୍ସବ ଅବସରରେ ସ୍ୱତନ୍ତ୍ର ଅଳଙ୍କାରକୁ ନେଇ 'ବିନ୍ଧ୍ୟ କଲେକ୍ସନ'ର ଶୁଭାରମ୍ଭ ଘୋଷଣା କରିଛି। ଏହାର ପ୍ରସିଦ୍ଧ 'ଜୁଏଲ୍ସ ଅଫ୍ ଇଣ୍ଡିଆ' କଲେକ୍ସନ ସିରିଜର ନବମ, ବିନ୍ଧ୍ୟ ମଧ୍ୟପ୍ରଦେଶର ସମୃଦ୍ଧ କଳାତ୍ମକ ପରମ୍ପରାରୁ ଏହି ସ୍ୱତନ୍ତ୍ର ପ୍ରସ୍ତୁତି ପ୍ରେରିତ ହୋଇଥିବା କମ୍ପାନୀ କହିଛି। ଫ୍ୟାସନ ଆଇକନ୍ ତଥା ବଲିଉଡ୍ ଡିଭା ଦିଶା ପଟାନୀ ବାରଣାସୀର ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ଏକ ସ୍ୱତନ୍ତ୍ର ଉତ୍ସବ କଲେକସନ ଉନ୍ମୋଚନ କରିଛନ୍ତି। ହିନ୍ଦୁ ସଂସ୍କୃତିରେ ସମୃଦ୍ଧି ଓ ପ୍ରସନ୍ନତାକୁ ଦର୍ଶାଉଥିବା ଅକ୍ଷୟ ତୃତୀୟାକୁ ଅଳଙ୍କାର କିଣିବା ପାଇଁ ଉପଯୁକ୍ତ ସୁଯୋଗ ବୋଲି ବିବେଚନା କରାଯାଏ। ଏହାକୁ ଦୃଷ୍ଟିରେ ରଖି ରିଲାଏନ୍ସ ଜୁଏଲସ ମଧ୍ୟପ୍ରଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାପତ୍ୟ ମହିମାକୁ ନେଇ ବିବିଧ ଅଳଙ୍କାର ସମୂହ ପ୍ରଦାନ କରିଛି। ପ୍ରତ୍ୟେକ ଅଳଙ୍କାର ମଧ୍ୟପ୍ରଦେଶର ପ୍ରସିଦ୍ଧ ସ୍ମାରକୀ ଯଥା ଗ୍ୱାଲିୟର କିଲ୍ଲା, ସାଞ୍ଚି ସ୍ତୁପ, ଉଜ୍ଜୈନର ମହାକାଳେଶ୍ୱର ମନ୍ଦିର ଏବଂ ମିତାଓଲି ଏବଂ ବଟେଶ୍ୱର ମନ୍ଦିରରୁ ଅନୁପ୍ରାଣିତ ଡିଜାଇନରେ ପ୍ରସ୍ତୁତ କରାଯାଇଛି। ରିଲାଏନ୍ସ ଜୁଏଲସର ସିଇଓ ସୁନୀଲ ନାୟକ କହିଛନ୍ତି, "ଚଳିତ ଅକ୍ଷୟ ତୃତୀୟାରେ ବିନ୍ଧ୍ୟ କଲେକ୍ସନର ଉନ୍ମୋଚନ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ମଧ୍ୟପ୍ରଦେଶର ସମୃଦ୍ଧ ପରମ୍ପରାରୁ ଅନୁପ୍ରାଣିତ ଏହି ସଂକଳନ ଆମର 'ଜୁଏଲ୍ସ ଅଫ୍ ଇଣ୍ଡିଆ' ସିରିଜ୍ ର ନବମ ଏବଂ ଭାରତୀୟ କଳା ଓ କାରିଗରୀ ପ୍ରଦର୍ଶନର ପ୍ରମାଣ ହୋଇପାରିଛି ବୋଲି ସେ କହିଛନ୍ତି। ଅଭିନେତ୍ରୀ ଦିଶା ପଟାନୀ ଏହି କଲେକ୍ସନକୁ ଉନ୍ମୋଚନ କରିବା ଅବସରରେ ନିଜର ଉତ୍ସାହ ପ୍ରକାଶ କରି ଏହି ସଂକଳନର ପ୍ରତ୍ୟେକ ଅଂଶ ମଧ୍ୟପ୍ରଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାପତ୍ୟ ମର୍ଯ୍ୟାଦାକୁ ପ୍ରତିଫଳିତ କରୁଥିବା ଏକ କଳାକୃତି ବୋଲି କହିଛନ୍ତି।

**ଉପଭୋକ୍ତାଙ୍କ ସେବାରେ ଟାଟା ପାୱାର**

# ଉତ୍ସର୍ଗୀକୃତ ସେବାରେ ୨୫୦୦ ଲାଇନ୍‌ମ୍ୟାନ୍



**ଭୁବନେଶ୍ୱର,୨୪।୪(ସମିସ):** ଦିନକୁ ଦିନ ତାପମାତ୍ରା ବଢୁଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱରକୁ ଦେଶର ଉତ୍ତପ୍ତ ସହର ମଧ୍ୟରେ ସ୍ଥାନିତ କରିଛି। ଏଭଳି ସମୟରେ ଏସି ଓ କୁଲରର ଅତ୍ୟଧିକ ବ୍ୟାବାହାର ଦ୍ୱାରା ସମଗ୍ର ରାଜ୍ୟରେ ବିଦ୍ୟୁତ ଚାହିଦାରେ ଆହେତୁକ ବୃଦ୍ଧି ଘଟିଛି। ବଢୁଥିବା ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶା ଡିସକମ୍ ଟାଟା ପାୱାରର ଉତ୍ସର୍ଗୀକୃତ ଲାଇନ୍‌ମ୍ୟାନମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ରକ୍ଷଣାବେକ୍ଷଣ ଆବଶ୍ୟକ ଥିବା ସ୍ଥାନଗୁଡିକରେ ଶୀଘ୍ର ପହଞ୍ଚି ରାଜ୍ୟକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଏହି କର୍ମଚାରୀମାନେ ଦିନରାତି କାର୍ଯ୍ୟ କରୁଛନ୍ତି। ଟିପି ସେଣ୍ଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ଡିସକମ୍ ସହିତ ଜଡିତ ୨୫୦୦୦ରୁ ଅଧିକ ଗ୍ରାଉଣ୍ଡ କର୍ମଚାରୀ ଓଡ଼ିଶାର ପ୍ରାୟ ୫ କୋଟି ଜନସଂଖ୍ୟାକୁ ଉତ୍ତମ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛନ୍ତି। ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ମଧ୍ୟ ଦିନ ୧୧ ଟାରୁ ୩ ଟା ପର୍ଯ୍ୟନ୍ତ କାମ କରିବା ଉପରେ ବାରଣ କରିଛନ୍ତି। ଅତ୍ୟଧିକ ଉତ୍ତାପ ସତ୍ତ୍ୱେ ବଢୁଥିବା ବିଦ୍ୟୁତ୍ ଚାହିଦାକୁ ପୂରଣ କରିବାପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲାଇନମ୍ୟାନଙ୍କ ପ୍ରତି ଥିବା ବିପଦକୁ ଧ୍ୟାନରେ ରଖି ଓଡ଼ିଶା ଡିସକମ୍ ସେମାନଙ୍କ କଲ୍ୟାଣ ପାଇଁ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏଥିପାଇଁ ଡିସକମ୍ ଗୁଡିକ ପକ୍ଷରୁ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯେଉଁଥିରେ 'ଟୁଲ୍ ବକ୍ସ ଟକ୍' ଅନ୍ତର୍ଭୁକ୍ତ। 'ଟୁଲ୍ ବକ୍ସ ଟକ୍' ରେ ସୁପରଭାଇଜରମାନେ ଖରା ପାଇଁ ବିଭିନ୍ନ ନିରାପତ୍ତା ବ୍ୟବସ୍ଥା, ପ୍ରବଳ ତାତିରେ କାର୍ଯ୍ୟ କରିବା ସମୟରେ ବିପଦକୁ ହ୍ରାସ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ବିଷୟରେ ସୂଚନା ଦେଇଥାନ୍ତି। ଏଥିସହିତ ଡିସକମ୍‌ଗୁଡ଼ିକ ମଧ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପୋଷ୍ଟର, ବ୍ୟାନର ଏବଂ ହ୍ୱାଟ୍ସଆପ୍ ବାର୍ତ୍ତା ମାଧ୍ୟମରେ ନିର୍ଦ୍ଦେଶାବଳୀ ଜାରି କରୁଛନ୍ତି।

# ଆକ୍ସିସ୍ ବ୍ୟାଙ୍କ ଫାଉଣ୍ଡେସନ୍ ପକ୍ଷରୁ ପୃଥ୍ୱୀ ଦିବସ ପାଳନ

**ଭୁବନେଶ୍ୱର, ୨୪।୪(ଏଜେନ୍ସି):** ପୃଥିବୀ ଦିବସ ପାଳନ ଅବସରରେ ଆକ୍ସିସ୍ ବ୍ୟାଙ୍କ ଫାଉଣ୍ଡେସନ୍ (ଏବିଏଫ୍) ଏବଂ ହର୍ଷା ଟ୍ରଷ୍ଟ ମିଳିତ ଭାବେ ସ୍ଥାୟୀ କୃଷି ଅଭ୍ୟାସ ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ସମ୍ପ୍ରଦାୟକୁ ଉନ୍ନତ କରିବା ପାଇଁ ଉଦ୍ୟମ କରିଛନ୍ତି। ୨୦୧୨ରେ ଏବିଏଫ୍ ଏବଂ ହର୍ଷା ଟ୍ରଷ୍ଟ ଓଡ଼ିଶାରେ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯାହା ୧ ଲକ୍ଷରୁ ଅଧିକ ଗ୍ରାମୀଣ ପରିବାରର ଜୀବନ ଏବଂ ଜୀବିକା ଉପରେ ସକାରାତ୍ମକ ପ୍ରଭାବ ପକାଇଥିଲା ଏବଂ ପରିବେଶ ସ୍ଥିରତା ଓ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।ସ୍ଥାୟୀ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଏହି ପରିବାରଗୁଡ଼ିକର ସ୍ଥାନାନ୍ତର ହ୍ରାସ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ କାର୍ଯ୍ୟକ୍ଷମ ତଥା ସ୍ଥାୟୀ ଆୟ ସୁଯୋଗ ଯୋଗାଇ ପରିବାରର ଆୟ ବୃଦ୍ଧିରେ ସହାୟକ ଭାବେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଅଂଶଗ୍ରହଣକାରୀମାନଙ୍କୁ ଉନ୍ନତ କୃଷି ଜ୍ଞାନ କୌଶଳ ଯୋଗାଇବା, ବହୁଫସଲ ପ୍ରଣାଳୀ, ଗୁରୁତ୍ୱପୂର୍ଣ୍ଣ ଭିତିଭୂମିର ବ୍ୟବହାର ସୁଯୋଗ ଯଥା ସୌର ଚାଳିତ ସମାଧାନ ପ୍ରଦାନ କରିବା ଆଦି ଏକ ମିଳିତ ଶକ୍ତିର ପ୍ରତୀକ ହୋଇଛି।

**ଆଇଜିକେସି ହସ୍ପିଟାଲରେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତ୍ରୋପଚାର**

# ଜୀବନ ଫେରିପାଇଲେ ଫୁସ୍‌ଫୁସ୍ କ୍ୟାନ୍ସର ରୋଗୀ



**ଭୁବନେଶ୍ୱର,୨୪।୪(ଏଜେନ୍ସି):** ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ମଲ୍ଟି ସ୍ପେଶାଲିଟି ଆଇଜିକେସି ହସ୍ପିଟାଲର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତିରେ ଫୁସଫୁସ୍ କ୍ୟାନ୍ସରର ସଫଳ ଆସ୍ତ୍ରୋପଚାର କରାଯାଇଛି। ଢେଙ୍କାନାଳର ଜଣେ ୩୨ ବର୍ଷୀୟା ରୋଗୀଙ୍କ ପ୍ରାୟ ଏକ ମାସ ଧରି କଫରେ ରକ୍ତ ପଡ଼ିବା ସମସ୍ୟା ଦେଖାଯିବା ପରେ ସେ ଆଇଜିକେସି ହସ୍ପିଟାଲର ଡାକ୍ତରମାନଙ୍କ ସହ ଯୋଗାଯୋଗ କରିଥିଲେ। ଏହାପୂର୍ବରୁ ରୋଗୀ ଜଣକ କଟକ ଏବଂ ଭୁବନେଶ୍ୱରର ଅନ୍ୟ କେତେକ ହସ୍ପିଟାଲରେ ଚିକିତ୍ସା ପାଇଁ ପରାମର୍ଶ କରିଥିଲେ ହେଁ ତାଙ୍କୁ ସୁଫଳ ମିଳି ନଥିଲା। ତେବେ ଆଇଜିକେସି ହସ୍ପିଟାଲ ଆସିବା ପରେ ରୋଗୀଙ୍କ ବ୍ରୋଙ୍କୋସ୍କୋପିକ୍ ବାୟୋସ୍କୋପି କରାଯିବା ସହିତ ସିଇସିଟି/ପେଟ୍ ସିଟି ସ୍କାନ କରାଯାଇଥିଲା। ସମସ୍ତ ରିପୋର୍ଟ ଆସିବା ପରେ ରୋଗୀ ଜଣକ ଷ୍ଟେଜ୍ ୨ ଫୁସଫୁସ୍ କ୍ୟାନ୍ସରରେ ପୀଡ଼ିତ ବୋଲି ଜଣାପଡ଼ିଥିଲା। ଏହାପରେ ହସ୍ପିଟାଲର ଅଭିଜ୍ଞ ଡାକ୍ତର ଟିମ୍‌ଙ୍କ ଦ୍ୱାରା ରୋଗୀଙ୍କ କ୍ୟାନ୍ସର ପ୍ରଭାବିତ ଫୁସଫୁସକୁ ଆସ୍ତ୍ରୋପଚାର ଦ୍ୱାରା କଢାଯାଇଥିଲା। ଏହି ଟିମ୍‌ରେ ହୃଦଶଲ୍ୟ ବିଶେଷଜ୍ଞ ଡାକ୍ତର ବେରିଅନ୍ ସ୍ୱାଇଁ, ଛାତିରୋଗ ବିଶେଷଜ୍ଞ ୟେରା ଧନୁଧର ଏବଂ ରେଡିଓଲୋଜି ଡାକ୍ତର ଚିନ୍ମୟ ପାତ୍ର ସାମିଲ ରହିଥିଲେ। ଅପରେସନର ତିନି ଦିନ ପରେ ରୋଗୀ ଜଣକ ସୁସ୍ଥ ହୋଇ ତାଙ୍କ ଘରକୁ ଫେରିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।






# ଭୁବନେଶ୍ୱର ସିଟି

## ଜମି ବିକ୍ରି ନାଁରେ ଠକେଇ; ଜଣେ ଗିରଫ

ଭୁବନେଶ୍ୱର,୨୪।୪ (ସମିସ): ଜମି ଦେବାକୁ କହି ୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ମଣ୍ଡପ ସାହିର ଗୋଲିଆ ଓରଫ୍ ଅଜୟ କୁମାର ଜଗଦ୍ଦେବ (୫୭)। ପୁଲିସ ସୂଚନା ଅନୁସାରେ, ବିଜ୍ଞାନ ଚୌଧୁରୀ ୫ବର୍ଷ ତଳେ ଏକ ପ୍ଲଟ୍ କିଣିବା ପାଇଁ ଅଜୟଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ କୌଣସି ପ୍ଲଟ ପଞ୍ଜୀକରଣ କରି ନ ଥିଲା। ଗତ ୨୩ ତାରିଖ ସକାଳେ ଅଜୟ ଓ ତା'ର ସହଯୋଗୀ ସହିତ ମିଶି ଉକ୍ତ ଜମିର ପାଚେରି ଭାଙ୍ଗି ଭିତରେ ବାଲି ପକାଉଥିଲା। ବିଜ୍ଞାନ ଏହାକୁ ବିରୋଧ କରି ଥାନାରେ ଅଭିଯୋଗ କରିବା କଥା କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏଥିସହିତ ଜମି ନିମନ୍ତେ ଅଧିକ ୫ଲକ୍ଷ ଟଙ୍କା ଦାବି କରିଥିଲା। ବିଜ୍ଞାନ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦାଦାବଟି ମାଗି ଜଣେ ଗିରଫ

ଭୁବନେଶ୍ୱର, ୨୪।୪ (ସମିସ): ଦାଦାବଟି ମାଗି ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିଅନ୍ତା ଥାନା ଆଣ୍ଡୁଆରିର ନିହାର ରଞ୍ଜନ ଦାସ (୩୪)। ପୁଲିସ ସୂଚନା ଅନୁସାରେ, ନିହାର ଗତ ୧୯ ତାରିଖ ଦିନ ବମିଖାଲ ଅନ୍ତର୍ଗତ ଗଣପତି ଟାୱାରରେ ଥିବା ନିଗମାନନ୍ଦ ଜେନାଙ୍କ ଘରକୁ ଯାଇ ପୂର୍ବରୁ ୨୦୧୫ ମସିହାର ଏକ ମାମଲାରେ ତାଙ୍କୁ ଜେଲ ପଠାଇ ଥିବାର ଦର୍ଶାଇ ଟଙ୍କା ମାଗିଥିଲା। ନିଗମାନନ୍ଦ ଓ ତାଙ୍କ ପତ୍ନୀ ଟଙ୍କା ଦେବାକୁ ମନା କରିବାରୁ ନୀହାର ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗୁଳିକରି ହତ୍ୟା କରିବାର ଧମକ ଦେଇଥିଲା। ଏଥିସହିତ ରାସବିହାରୀ ଦାସ (ବାବୁ ଦାସ) ନାମକ ଅନ୍ୟ ଜଣେ ବ୍ୟକ୍ତି ନିଗମାନନ୍ଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମାରିବା ଲାଗି ନୀହାରକୁ ଟଙ୍କା ଯାଚିଥିବା କହି ଧମକ ଦେଇଥିଲା। ନିଗମାନନ୍ଦ ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ବୁଧବାର ନିହାର କଟକ ସଦର ଥାନାକୁ ହାଜିରା ଦେବାକୁ ଯାଇଥିବା ବେଳେ ତାକୁ ଗିରଫ କରି ଲକ୍ଷ୍ମୀସାଗର ଥାନାକୁ ଆଣିଥିଲେ। ଛାନଭିନ ସମୟରେ ପୁଲିସ ତା ନିକଟରୁ ଗୋଟିଏ ପିସ୍ତଲ ଓ ଏକ ଖାଲି ମାଗାଜିନ ଜବତ କରିଛନ୍ତି। ନିହାର ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତଦନ୍ତ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ବସ୍‌ରୁ ନେଇଗଲେ ୫ ଲକ୍ଷର ସୁନାଗହଣା

ଭୁବନେଶ୍ୱର, ୨୪।୪(ସମିସ): ବସ୍‌ରୁ ଲୁଟି ନେଇଛନ୍ତି ୫ ଲକ୍ଷ ଟଙ୍କାର ସୁନା ଗହଣା। ବଡ଼ଗଡ଼ ଥାନା କଳ୍ପନା ଛକରେ ଘଟିଛି ଏଭଳି ଘଟଣା। ଲୁଟ୍‌ର ଶିକାର ହୋଇଥିବା ବଲ୍ଲଭ କୁମାର ମହାନ୍ତି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୁଣା ଭୁବନେଶ୍ୱରରେ ରହୁଥିବା ବଲ୍ଲଭ ଓ ତାଙ୍କ ପତ୍ନୀ କେନ୍ଦ୍ରାପଡ଼ାରୁ ବସ୍ ଯୋଗେ ଆସିଥିଲେ। ସେମାନେ ଲକ୍ଷ୍ମୀସାଗର ଟ୍ରାଫିକ୍ ନିକଟରେ ହୋଇଥିବାବେଳେ ଚୋରି ଭୟରେ ବଲ୍ଲଭଙ୍କ ପତ୍ନୀ ପିନ୍ଧିଥିବା ସୁନାଗହଣା କାଢ଼ି ଭ୍ୟାନିଟି ଭିତରେ ଥିବା ଏକ ମନିପର୍ସରେ ରଖି ଦେଇଥିଲେ। କଳ୍ପନା ଛକରେ ଓହ୍ଲାଇବା ସମୟରେ ୩ ଜଣ ମହିଳା ଲୁଟେରା ଘେରି ଯାଇ କୃତ୍ରିମ ଭିଡ଼ ସୃଷ୍ଟି କରିବା ସହିତ ସୁନାଗହଣା ଥିବା ମନିପର୍ସ ଲୁଟି ନେଇଥିଲେ। ଏ ନେଇ ଶ୍ରୀ ମହାନ୍ତି ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରିଛି ବଡ଼ଗଡ଼ ଥାନା ପୁଲିସ।

## ବିଏମ୍‌ସି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର୍ ସଚେତନତା

# ବୁଥ୍ ଭିଡ଼ ଜାଣିବା ପାଇଁ ସ୍ୱତନ୍ତ୍ର ଆପ୍



ଭୁବନେଶ୍ୱର, ୨୪।୪ (ସମିସ):

ରାଜଧାନୀରେ ଅଧିକ ଶିକ୍ଷିତ ଲୋକ ବସବାସ କରୁଥିଲେ ମଧ୍ୟ ମତଦାନ ହାର ରାଜ୍ୟର ଅନ୍ୟ ଅଞ୍ଚଳ ଅପେକ୍ଷା କମ୍ ରହୁଛି। ତେଣୁ ଭୋଟରମାନେ ଯେପରି ମତଦାନ କେନ୍ଦ୍ରକୁ ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ଯୁବ ଭୋଟର୍‌ମାନେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଭୋଟର୍ ସଚେତନତା କାର୍ଯ୍ୟକ୍ରମରେ ସେ ଆହୁରି କହିଥିଲେ ଯେ ଭୁବନେଶ୍ୱରର ଅଧିକାଂଶ ବୁଥ୍‌ରେ ମହିଳା ଅଧିକାରୀ ରହିବେ। ଏହା ଆମ ରାଜ୍ୟ ପାଇଁ ଉଦାହରଣ। ବୁଥ୍ ଲୋକେସନ୍ ଜାଣିବା ନିମନ୍ତେ ସ୍ୱତନ୍ତ୍ର ଆପ୍ ପ୍ରସ୍ତୁତ ହେବ। ସମ୍ପୃକ୍ତ ବୁଥ୍‌ରେ ଏକ ସମୟରେ କେତେ ଭିଡ଼ ଅଛି ତାହା ମଧ୍ୟ ଆପ୍ ମାଧ୍ୟମରେ ଜାଣି ହେବ ବୋଲି ଶ୍ରୀ ରାଣା କହିଥିଲେ। ଏହି ଅବସରରେ ଶ୍ୟାମଳି ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଉପଜିଲ୍ଲାପାଳ ଚିନ୍ମୟୀ ଆଚାର୍ଯ୍ୟ, ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ

### ରାଜଧାନୀରେ ଅଧିକ ଶିକ୍ଷିତ, ତଥାପି ମତଦାନ ହାର କମ୍

### ବୁଥ୍ ପରିଚାଳନା ପାଇଁ ରହିବେ ମହିଳା ଅଧିକାରୀ

ବିଏମ୍‌ସି କମିସନର୍ ରାଜେଶ ପ୍ରଭାକର ପାଟିଲ୍ କହିଲେ, ଆସନ୍ତା ସାଧାରଣ ନିର୍ବାଚନରେ ନିଜ ନିଜର ମତଦାନ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରନ୍ତୁ।

କାର୍ଯ୍ୟକ୍ରମରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ପିଜି କାଉନସିଲ ପ୍ରଫେସର୍ ଚଣ୍ଡୀଚରଣ ରଥ, ବିଏମ୍‌ସି ଅତିରିକ୍ତ କମିସନର ଘାସିରାମ ମୁର୍ମୁ ଓ ସସ୍ମିତା ସାହୁ, ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ। ସମସ୍ତେ ମତଦାନ କେନ୍ଦ୍ରରେ ଭୋଟଦେଇ ନିଜର ଅଧିକାର ସାବ୍ୟସ୍ତ କରିବା ସହ ଦେଶ ଗଠନରେ ସକ୍ରିୟ ଭୂମିକା ନିଭାଇବା ପାଇଁ ଉପସ୍ଥିତ ଭୋଟରମାନଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯାଉଥିବା ନୂଆ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଓ ଛାତ୍ରୀମାନେ ଦସ୍ତଖତ ଅଭିଯାନରେ ସାମିଲ ହୋଇ ନିଶ୍ଚିତ ଭୋଟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ କେତେକ ବୃତ୍ତଚିତ୍ର ପ୍ରଦର୍ଶିତ କରାଯାଇଥିଲା। ପରେ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ଜାଗରଣ ଅନୁଷ୍ଠାନ ଏବଂ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଗୁରୁବାର ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

### ନିର୍ବାଚନ ଲାଗି ଧରପଗଡ଼

ନିର୍ବାଚନ ଲାଗି ରାଜଧାନୀରେ ଆରମ୍ଭ ହେଲା ଧରପଗଡ଼ ଅଭିଯାନ। ଗଞ୍ଜେଇ, ବ୍ରାଉନ୍‌ସୁଗର, ମଦ ଓ ନଗଦ ଟଙ୍କା ଧରିବା ଲାଗି ଯାଞ୍ଚ ହୋଇଛି। ତେଣୁ ଏହାକୁ ରୋକିବାକୁ ଯାଞ୍ଚକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସହର ପ୍ରବେଶ ପଥ ଡିଏନ୍ ରେଗାଲିଆ ଓ ପ୍ରସ୍ଥାନ ପଥରେ ସର୍ଭିଲାନ୍ସ ଟିମ୍ ଯାଞ୍ଚ କରିଛି। ସନ୍ଦେହ ପ୍ରକଟ ହେଉଥିବା ଗାଡ଼ିଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା।

### କେଉଁଠି ମିଳୁଛି?

## କଟକ ଦହିବରା

ଭୁବନେଶ୍ୱର, ୨୪।୪(ସମିସ): ରାଜ୍ୟର କେତେକ ଜିଲ୍ଲା ତା'ର ନିର୍ଦ୍ଦିଷ୍ଟ ଖାଦ୍ୟ ପାଇଁ ପରିଚିତ ଲାଭ କରିଛି। ତେଣୁ ହଠାତ୍ କୌଣସି ସ୍ୱାଦିଷ୍ଟ ଖାଦ୍ୟର ନା ଶୁଣିଲେ ତାହା ଯେଉଁ ଜିଲ୍ଲାରେ ପ୍ରସିଦ୍ଧ ତା'ର ନା ତୁରନ୍ତ ଆମ ମନକୁ ଆସିଯାଏ। ହେଲେ ଆଜିକାଲି ସବୁ ଜିଲ୍ଲାର ପରିଚିତ ଖାଦ୍ୟ ଅନ୍ୟ ସମସ୍ତ ଜିଲ୍ଲା ବା ସହରରେ ବି ମିଳିଲାଣି। କଟକର କଥା ଉଠିଲେ ମନକୁ ଆସିଯାଏ 'ଦହିବରା' କଥା। ବର୍ତ୍ତମାନ ଏହି କଟକ ଦହିବରାକୁ ଲୋକ ରାଜଧାନୀରେ ମଧ୍ୟ ପାଇଲେଣି। ସେହି ସ୍ୱାଦ ଭଳି ହୋଇଥିବାବେଳେ ଶାଳ ପତ୍ରରେ ପରଷା ଯାଉଛି।

ୟୁନିଟ୍ ୧ ମାର୍କେଟ ନିକଟ ତଥା ରାଜମହଲ ଛକ ଆଡ଼କୁ ଗଲେ ବାମ ପଟକୁ ଦେଖିବାକୁ ମିଳେ ବ୍ରଜବନ୍ତ ସାହୁଙ୍କ



ଦହିବରା ଦୋକାନ। ଆଜି କି କାଲି ନୁହେଁ, ୪୦ବର୍ଷ ଧରି ରାଜଧାନୀରେ ଚାଲିଥିବା ତାଙ୍କ କଟକ ଦହିବରା ଦୋକାନରେ ଭିଡ଼ ଦେଖିଲେ ସହଜେ ଜାଣିହେବ।

୩୦ରୁ ୪୦ ଟଙ୍କା ଦେଲେ କଟକ ଦହିବରାର ସ୍ୱାଦ ଏହିଠାରେ ମିଳିଯାଉଥିବା କିଛି ଗ୍ରାହକ କୁହନ୍ତି। ତେଣୁ ଅନ୍ୟ ଦହିବରା ଦୋକାନ ଠାରୁ ତାଙ୍କ ପାଖେ ଭିଡ଼ ଟିକେ ଅଧିକ। ଦହିବରା ଖାଇ ସାରିବା ପରେ ଶାଳପତ୍ରରେ ଦହି ପାଣିର ମଜା ତା'ଠାରୁ ଅଧିକ। ଦିନ ୪ ଟାରୁ ସନ୍ଧ୍ୟା ୭ ଯାଏଁ ବ୍ରଜବନ୍ତ ସାହୁଙ୍କ ଦୋକାନ ଖୋଲା ରହିଥାଏ। ଏହି ସମୟ ମଧ୍ୟରେ ପାଖାପାଖି ୨ ଶହ ଗ୍ରାହକ ପ୍ରତିଦିନ ଆସୁଥିବା କଥା କୁହନ୍ତି ସେ। ଏଠାରେ ପରିଲକ୍ଷିତ ହେଉଥିବା ଭିଡ ହିଁ ଜଣାଇଦିଏ ଏଠାକାର ଚାହିଦା। ଏ ନେଇ କିଛି ଗ୍ରାହକ କୁହନ୍ତି ତାଙ୍କୁ କଟକ ଷ୍ଟାଇଲ ଦହିବରା ଖାଇବାକୁ କଟକ ଯିବାକୁ ପଡୁ ନାହିଁ।

## ବାକି ଟଙ୍କା ମାଗିବାରୁ ଦୋକାନରେ ଲଗାଇଦେଲା ନିଆଁ

ଭୁବନେଶ୍ୱର, ୨୪।୪ (ସମିସ): ବାକି ଟଙ୍କା ମାଗିବାରୁ ଦୋକାନରେ ନିଆଁ ଲଗାଇ ଦେଲା ଯୁବକ। ଚନ୍ଦକା ଥାନା ଅଧୀନସ୍ଥ ମଧୁପୁର ଗାଁରେ ଘଟିଛି ଏଭଳି ଘଟଣା। ଅଭିଯୋଗ ପାଇବା ପରେ ନିଆଁ ଲଗାଇଥିବା ଯୁବକକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଧୁପୁର ଗାଁର ସଦାଶିବ ସ୍ୱାଇଁ (୩୫)। ପୁଲିସ ସୂଚନା ଅନୁଯାୟୀ, ମଧୁପୁର ଗାଁର ରଞ୍ଜିତ କୁମାର ସାହୁଙ୍କର ସେହି ଗାଁ ଛକରେ ତେଜରାତି ଦୋକାନ ରହିଛି। ସଦାଶିବ ୪/୫ ଦିନ ପୂର୍ବରୁ ତାଙ୍କ ଦୋକାନରୁ ୧୩୦ ଟଙ୍କାର ସାମଗ୍ରୀ ବାକିରେ ନେଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସଦାଶିବ ଦୋକାନକୁ ଆସିଥିବା ବେଳେ ରଞ୍ଜିତ ତାଙ୍କୁ ବାକି ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସଦାଶିବ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇଥିଲା। ରଞ୍ଜିତ ଦୋକାନରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୋକାନ ଆଜ୍‌ବେଷ୍ଟସ ଉପରେ ପଡ଼ିଥିବା ଛଣରେ ନିଆଁ ଲଗାଇ ଦେଇଥିଲା ସଦାଶିବ। ଚାହୁଁ ଚାହୁଁ ଆଜ୍‌ବେଷ୍ଟସ୍ ଜଳିବା ସହିତ ଦୋକାନ ଭିତରକୁ ନିଆଁ ବ୍ୟାପୀ ଯାଇଥିଲା। ସୌଭାଗ୍ୟ ବଶତଃ ରଞ୍ଜିତଙ୍କ ନିଦ ଭାଙ୍ଗି ଯିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୋକାନ ବାହାରକୁ ଆସି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇ ଯାଇଥିଲା। ଏନେଇ ରଞ୍ଜିତ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରିବା ସହ ସଦାଶିବକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରିମାଣ୍ଡରେ ଆସିବେ 'ଇରାନି ମୁସ୍‌ଲିମ'

ଭୁବନେଶ୍ୱର, ୨୪।୪(ସମିସ): ନକଲି ପୁଲିସ ସାଜି ଅପରାଧ ଘଟାଉଥିବା ଏକ ଆନ୍ତଃରାଜ୍ୟ ଇରାନି ମୁସ୍‌ଲିମର ଗୁମର ଖୋଲିବ। ଏହି ଗ୍ୟାଙ୍ଗ୍‌ର ମୁଖିଆ ସାଦେକ୍ ହୁସେନ୍ ସମେତ ତା'ର କିଛି ସହଯୋଗୀଙ୍କୁ ୩ଦିନିଆ ରିମାଣ୍ଡରେ ଅଣାଯିବ। ସେପରି ଅଭିଯୁକ୍ତଙ୍କୁ ପଚରାଉଚରା ଲାଗି ମଧ୍ୟପ୍ରଦେଶ ପୁଲିସର ଏକ ଟିମ୍ ଆସିବ। ସେମାନେ ଏବେ କମିସନରେଟ୍ ପୁଲିସ ସହ ଯୋଗାଯୋଗରେ ରହିଛନ୍ତି। ସେଠାରେ ଏହି ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ନାମରେ ଅନେକ ମାମଲା ରହିଛି।

## ଫ୍ଲାଏଓଭର୍ ତଳକୁ ଖସିଲା କଣ୍ଟେନର୍

ଝାଁଳା, ୨୪।୪ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ଓଭରବ୍ରିଜ ଉପରେ ଏକ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ ଓ ମଟରସାଇକଲକୁ ଧକ୍କା ଦେଇ ଏକ କଣ୍ଟେନର୍ ଫ୍ଲାଏଓଭର ତଳକୁ ଖସିପଡ଼ିଛି। ଫଳରେ କଣ୍ଟେନର୍‌ର ଖଲାସୀ ଓ ମଟରସାଇକଲ ଚାଳକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ଣ ପ୍ରାୟ ୩ଟାବେଳେ କାଳବୈଶାଖୀ ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଯାଉଥିବା କଣ୍ଟେନର୍‌ଟି ପିକ୍‌ଅପ୍ ଭ୍ୟାନକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଭ୍ୟାନ୍‌ଟି ଖୋର୍ଦ୍ଧା ଦିଗରୁ ଡିଭାଇଡର ଡେଇଁ ଭୁବନେଶ୍ୱର ଦିଗକୁ ଚାଲିଯାଇଥିଲା। ପରେ ଏକ ମୋଟରସାଇକଲକୁ ଧକ୍କା ଦେଇ



ଓଭରବ୍ରିଜ୍ ତଳକୁ ଓଲଟି ପଡ଼ିଥିଲା। ମଟରସାଇକଲ ଚାଳକ ଜଣକ ଏକ ଲୁହା ବାରରେ ଲାଗି ଯାଇ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ।

### ■ ପଲିଥିନ ଜବତକୁ ନେଇ ବଢୁଛି ବିବାଦ

## ବଡ଼ଙ୍କୁ ଛାଡ଼, ଛୋଟଙ୍କୁ ଧରପଗଡ଼

ଭୁବନେଶ୍ୱର, ୨୪।୪ (ସମିସ): ବିଏମ୍‌ସିର ପଲିଥିନ୍ ଜବତକୁ ନେଇ ଏବେ ବିବାଦ ବଢ଼ିବାରେ ଲାଗିଛି। ପଲିଥିନ୍ ବ୍ୟବହାର କରୁଥିବା ଦୋକାନୀଙ୍କୁ ବିଏମ୍‌ସି ଟାର୍ଗେଟ କରୁଥିଲା ବେଳେ ଏବେ ଦୋକାନୀମାନେ ବିଏମ୍‌ସିର ଦୋମୁହାଁ ନୀତିକୁ ଟାର୍ଗେଟ କରୁଛନ୍ତି। ଅଧିକାଂଶ ସମୟରେ ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବିଏମ୍‌ସି ଟିମ୍ ଏବଂ ଦୋକାନୀ ମୁହାଁମୁହିଁ ହୋଇଯାଉଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଉଛି। ବିଏମ୍‌ସିର ଏକତରଫା କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଆଲୋଚନା ମଧ୍ୟ ହେଉଛି।

ଦୋକାନୀଙ୍କ କହିବାନୁଯାୟୀ, ପଲିଥିନ ପ୍ରସ୍ତୁତ କରୁଥିବା କମ୍ପାନୀ, ବଡ଼ ଡିଷ୍ଟ୍ରିବ୍ୟୁଟର, ହୋଲ୍‌ସେଲର୍‌ମାନେ ମୁଖ୍ୟ ଉଲ୍ଲଙ୍ଘନକାରୀ। ଏମାନେ ବିକ୍ରି କରିବାରୁ ଦୋକାନୀ କିଣୁଛନ୍ତି। ଏମାନେ ବିକ୍ରି କରିବା ବନ୍ଦ କରିଦେଲେ ଦୋକାନୀ ମଧ୍ୟ ପଲିଥିନ୍ କିଣିବା ବନ୍ଦ କରିଦେବେ। ବଡ ବ୍ୟବସାୟୀଙ୍କୁ ଛାଡ଼ି ଦିଆଯାଉଛି। ସେମାନେ ବ୍ୟବସାୟ କଲାବେଳେ ବିଏମ୍‌ସି ଆଖିବୁଜି ଦେଉଛି। କେବଳ ଛୋଟ ଦୋକାନୀଙ୍କୁ ବିଏମ୍‌ସି ଟିମ୍ ଟାର୍ଗେଟ କରୁଛି। ଯାହା ଗ୍ରହଣୀୟ ନୁହେଁ ବୋଲି ଦୋକାନୀମାନେ କହିଛନ୍ତି।

ମଙ୍ଗଳବାର କେଳୁଚରଣ ପାର୍କ ନିକଟରେ ଜଣେ ଫୁଲ ଦୋକାନୀଙ୍କଠାରୁ ପଲିଥିନ୍ ଜବତ କରି ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଉଥିଲା। ଦୋକାନୀଙ୍କ ସମର୍ଥନରେ ସ୍ଥାନୀୟ ଲୋକେ ବାହାରିପଡ଼ିବାରୁ ଉତ୍ତେଜନା ବଢ଼ିଯାଇଥିଲା। ଫଳରେ ବିଏମ୍‌ସି ସେଠାରୁ ବାଧହୋଇ ଫେରି ଯାଇଥିଲା। ସେହିପରି ସହିଦ ନଗର ଅଞ୍ଚଳରେ ସିଝା ଅଣ୍ଡା ବ୍ୟବସାୟ କରୁଥିବା ଜଣେ ବୃଦ୍ଧାଙ୍କଠାରୁ ମାତ୍ରାଧିକ ଜରିମାନା କାଟୁଥିବା ଅଭିଯୋଗରେ ଟିମ୍ ବିଏମ୍‌ସିକୁ ଆକ୍ରମଣ କରିଥିଲେ ସ୍ଥାନୀୟ ବ୍ୟବସାୟୀ। ଏହିପରି ଏକାଧିକ ଘଟଣାରେ ପଲିଥିନ ଜବତକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଭୁବନେଶ୍ୱରରେ ଉତ୍ପାଦ କରୁଥିବା ପଲିଥିନ୍ କମ୍ପାନୀକୁ ବିଏମ୍‌ସି ପାଉ ନ ଥିବା କହିଛନ୍ତି ଜନୈକ ବିଭାଗୀୟ ଅଧିକାରୀ।

## ଠକେଇ ମାମଲାରେ ମହିଳାଙ୍କୁ ବର୍ଷେ ଜେଲ୍

ଭୁବନେଶ୍ୱର, ୨୪।୪ (ସମିସ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ପୂଜା ଜୈନ ୨୦୨୩ ମସିହାରେ ହୋଇଥିବା ଏକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତା ରଶ୍ମିତା ପ୍ରଧାନ ଓରଫ ଶୋଭାରାଣୀ କରଙ୍କୁ ବୁଧବାର ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ଦୁର୍ଗାପୁର ପାଟଣାର ପ୍ରତିମା ମହାନ୍ତି ସେହି ଗ୍ରାମରେ ରଶ୍ମିତାଙ୍କ 'ମିତାଲି ଡୋଲ୍ ଟେକ୍ସଟାଇଲ୍' ନାମକ ଏକ ସଂସ୍ଥାରେ ଚାକିରି କରୁଥିଲେ। ପ୍ରତିମା ଓ ଅନ୍ୟ ୩୯ ଜଣଙ୍କୁ ଉକ୍ତ କମ୍ପାନୀରେ କର୍ମନିଯୁକ୍ତି ଦେବା ସମୟରେ ରଶ୍ମିତା ସେମାନଙ୍କ ଠାରୁ ସୁରକ୍ଷା ଜମା ବାବଦକୁ ୩୦୦୦ ଟଙ୍କା ଲେଖାଏଁ ନେଇଥିଲେ। ଦରମା ଦେବା ଲାଗି ଅନୁରୋଧ କରିବାରୁ ସେତେବେଳେ ଦରମା ଦେଇ ନ ଥିଲେ କି ସେମାନଙ୍କ ସୁରକ୍ଷା ଜମା ବାବଦକୁ ନେଇଥିବା ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ। ଓଲଟି ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଏଥିସହିତ ତାଙ୍କ ଝିଅ ଭଦ୍ରକ ଥାନାରେ ଏସ୍‌ଆଇ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହିତ ଯଦି ବି ସେ ଏହି ମାମଲାରେ ଝାରପଡ଼ା ଜେଲକୁ ଯାଆନ୍ତି ତେବେ ସେ ଦୁଇଦିନ ମଧ୍ୟରେ ଜାମିନରେ ଖଲାସ ହେଇଯିବେ ବୋଲି କହିଥିଲେ। ରଶ୍ମିତା ଦରମା କିମ୍ବା ନେଇଥିବା ସୁରକ୍ଷା ଜମା ଟଙ୍କା ଫେରସ୍ତ କରିବାକୁ ରୋକ୍ ଠୋକ୍ ମନା କରିଦେବାରୁ ପ୍ରତିମା ସହିଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ କେସ ନଂ-୧୬/୨୦୨୩ରେ ଦଫା-୪୨୦/୫୦୬ ରେ ଏକ ମାମଲା ରୁଜୁ କରି ଏସଆଇ ବ୍ରଜ କିଶୋର ମଲ୍ଲିକଙ୍କୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶ୍ରୀ ମଲ୍ଲିକ ରଶ୍ମିତା ପ୍ରଧାନଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ରଶ୍ମିତା ପ୍ରଧାନ ଓରଫ ଶୋଭାରାଣୀ କରଙ୍କୁ ୧ ବର୍ଷର କାରାଦଣ୍ଡାଦେଶ ଶୁଣାଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଓ ସବିତା କୁମାରୀ ଚୌଧୁରୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ଧରାପଡ଼ିଲା ୪୦ କଳାକାଚ ଲାଗିଥିବା କାର୍

ଭୁବନେଶ୍ୱର, ୨୪।୪(ସମିସ): ଥମୁନି କଳାକାଚ ଧରପଗଡ଼ ପ୍ରକ୍ରିୟା। ବୁଧବାର ଭୁବନେଶ୍ୱରର ବିଭିନ୍ନ ଛକରେ କଳାକଚ ବିରୋଧରେ ଯାଞ୍ଚ କରାଯାଇଥିଲା। ଏଥିରେ ୪୦ଟି କାର୍‌ରୁ କଳାକାଚ ବାହାର କରି ଦିଆଯାଉଛି। ଜରିମାନା ବାବଦରେ ୨ଲକ୍ଷ ୨୦ହଜାର ଟଙ୍କା ଆଦାୟ କରାଯାଇଛି। ଏପରିକି କାଚରେ ଲାଗିଥିବା କଳାଜରିରୁ ଚିରି ଦିଆଯାଇଛି। ସହରର ଗିରିଦୁର୍ଗା ମନ୍ଦିର, ୟୁନିଟ୍-୩, ରେଳସଦନ ଭଳି ବିଭିନ୍ନ ଛକରେ ପରିବହନ ଓ କମିସନରେଟ ପୁଲିସ ପକ୍ଷରୁ ମିଳିତ ଖାନତଲାସୀ କରାଯାଇଥିଲା। ଦୁଇଟି ଟ୍ରାଫିକ ପୁଲିସର ଅଧିକାରୀ ରହି କଳାକାଚଧାରୀ ଗାଡିଗୁଡ଼ିକୁ ଅଟକ ଯାଇଥିଲା। ଟ୍ରାଫିକ୍-୧ ଓ ୨ ପକ୍ଷରୁ ୨୦ଟି ଲେଖାଏଁ କାର୍‌କୁ ଧରାପଡ଼ିଛନ୍ତି।

## ସମ୍‌ରେ ସଫଳ ଏଚ୍‌ଏସ୍‌ସି ଟ୍ରାନ୍ସପ୍ଲାଣ୍ଟେସନ୍

ଭୁବନେଶ୍ୱର, ୨୪।୪(ସମିସ): ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ହାପ୍ଲୋଆଇଡେନ୍‌ଟିକାଲ୍ ହେମାଟୋପୋଇଟିକ୍ ଷ୍ଟେମ୍ ସେଲ୍‌ଫ ଟ୍ରାନ୍ସପ୍ଲାଣ୍ଟେସନ୍ (ଏଚ୍‌ଏସ୍‌ସିଟି) ସଫଳ ହୋଇଛି। ଆକ୍ୟୁଟ୍ ମାଇଲଏଡ୍ ଲ୍ୟୁକୋମିଆ (ଏଏମ୍‌ଏଲ୍) ସମସ୍ୟାରେ ପୀଡ଼ିତା ଜଣେ ୫୧ବର୍ଷୀୟା ମହିଳାଙ୍କ ଶରୀରରେ ହାପ୍ଲୋଆଇଡେନ୍‌ଟିକାଲ୍ ସଫଳ ପ୍ରତ୍ୟାରୋପଣ କରାଯାଇଛି ବୋଲି ହେମାଟୋପୋଇଟିକ୍ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ଡ. ପ୍ରିୟଙ୍କା ସାମଲ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡ. ଗିରିଜାନନ୍ଦିନୀ କାନୁନ୍‌ଗୋ ଏବଂ ହେମାଟୋ ଆଇସିୟୁର ଇନ୍‌ଚାର୍ଜ ଡାକ୍ତର ସନ୍ତୋଷ କୁମାର ସିଂହ ଉପସ୍ଥିତ ଥିଲେ।




ହେଲ୍ଥ କେୟାର ମାର୍କେଟିଂ କ୍ଷେତ୍ରରେ ଅନନ୍ୟ ସଫଳତା ହାସଲ କରିଥିବା ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର ଏଭିପି ଡାକ୍ତର ଲୋକନାଥ ଦାଶଙ୍କୁ ଚେନ୍ନାଇ ଠାରେ ଅନୁଷ୍ଠିତ 'ହେଲ୍ଥ କେୟାର ମାର୍କେଟିଂ ମାଷ୍ଟ୍ରୋ ଆୱାର୍ଡ-୨୦୨୪' କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଉଛି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ 'ଅଟୋଏଜ୍ କନ୍‌କ୍ଲେଭ'

ଭୁବନେଶ୍ୱର, ୨୪।୪ (ସମିସ):

ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଅଟୋ ଦିବସ ଉପଲକ୍ଷେ 'ଅଟୋ ଏଜ- ୨୦୨୪' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞମାନଙ୍କ ନେତୃତ୍ୱରେ ଏକ ବିଶେଷ ଅଧିବେଶନ ପ୍ରଦର୍ଶିତ ହୋଇଥିଲା ଓ ଅତ୍ୟାବଶ୍ୟକ ଉପାଦାନ ନିର୍ମାତାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଲୁମିନିୟମ ହେଉଛି ଏକ ହାଲୁକା ଧାତୁ ଯାହା ଗୁଣବତା ସହ ଅଧିକ ଶକ୍ତି-ଓଜନ ଅନୁପାତ, ଉତ୍କୃଷ୍ଟ ବୈଦ୍ୟୁତିକ ପରିବହନଶୀଳ ଯୋଗ୍ୟ ପଦାର୍ଥ। ଦ୍ରୁତ ଅଭିବୃଦ୍ଧିଶୀଳ ଅଟୋ ଉଦ୍ୟୋଗ ଲାଗି ଏହାର ଆବଶ୍ୟକତା ରହିଛି। ଆର୍ଥିକ ବର୍ଷ ୩୧ ସୁଦ୍ଧା ଭାରତର ଜିଡିପିର ପ୍ରାୟ ୩୧% ଯୋଗଦାନ କରିବା ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ଜନ ସ୍ଲାଭେନ କହିଛନ୍ତି ଯେ ,'ଆମେ ଅଟୋମୋବାଇଲ ଉଦ୍ୟୋଗରେ ଗ୍ରାହକଙ୍କୁ ସୁବିଧାଗୁଡ଼ିକର ଅପୂର୍ବ ମିଶ୍ରଣ ପ୍ରଦାନ କରୁ ଓ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ସହ କଷ୍ଟୋମାଇଜଡ, ବ୍ୟବସାୟ କରିବାର ସହଜତା ଓ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳା ପ୍ରଦାନ କରିଥାଉ। ଯେଉଁ କାରଣରୁ ଆମେ ଅଟୋ ଉଦ୍ୟୋଗର ଆବଶ୍ୟକତା ପୂରଣ ପାଇଁ ସର୍ବଦା ଆଗରେ ରହିଛୁ। ଉଲ୍ଲେଖଯୋଗ୍ୟ ଯେ,ବେଦାନ୍ତ ଆଲୁମିନିୟମ କ୍ରମାଗତ ଭାବରେ ଉତ୍ପାଦର ନବସୃଜନ ଲାଗି ପ୍ରୟାସ କରିଆସୁଛି। ଏହା ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇଥାଏ। ଝାରସୁଗୁଡ଼ାରେ କମ୍ପାନିର ଆଗାମୀ ଆଲୁମିନିୟମ ପାର୍କରେ ଡାଉନଷ୍ଟ୍ରିମ କମ୍ପାନିଗୁଡ଼ିକ ବେଦାନ୍ତର ମେଗା ଆଲୁମିନିୟମ ସ୍ମେଲଟରରୁ ଅଣାଯାଇଥିବା ତରଳାଯାଇଥିବା ଧାତୁର ବ୍ୟବହାର କରିପାରିବେ।



### ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି

# ବିଜେପି ଛାଡ଼ି ବିଜେଡିରେ ମିଶିଲେ ନେତା ଓ କର୍ମୀ

ଭୁବନେଶ୍ୱର, ୨୪।୪(ସମିସ):




ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବହୁ ବିଜେପି ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ବୁଧବାର ଶଙ୍ଖଭବନଠାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କର୍ପୋରେଟର ମିହିର କୁମାର ରାଉତ, ନିର୍ମଳ ରାଉତ, ସନ୍ତୋଷ ନାଥ, ଜୟନ୍ତୀ ସାହୁ ଓ ସରପଞ୍ଚ ହେମନ୍ତ ପରିଡ଼ାଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ସାମିଲ ହୋଇଛନ୍ତି। ବୁଧବାର ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ରାଉତ, ଶ୍ରୀମତୀ ଦାସ, ଡକ୍ଟର ପାତ୍ର, ଶ୍ରୀ ମିହିର ରାଉତ, ଶ୍ରୀ ନିର୍ମଳ ରାଉତ, ଶ୍ରୀ ନାଥ, ଶ୍ରୀମତୀ ସାହୁ ଓ ଶ୍ରୀ ପରିଡ଼ା କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ସେମାନଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେପି ଉତ୍ତର ଗ୍ରାମୀଣ ମଣ୍ଡଳ ସଭାପତି ଯତୀନ୍ଦ୍ର ମହାନ୍ତି, ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଉପସଭାପତି ଅକ୍ଷୟ କୁମାର ପତି, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା କୃଷକ ମୋର୍ଚ୍ଚା ଜେନେରାଲ ସେକ୍ରେଟାରୀ ମନୋଜ ସାସ୍ମଲ, ଗ୍ରାମୀଣ ମଣ୍ଡଳ ଜେନେରାଲ ସେକ୍ରେଟାରୀ ପ୍ରିୟରଞ୍ଜନ କରଶର୍ମା, ପୂର୍ଣ୍ଣିମା ମିଶ୍ର, ଲିଲିବାଳା ରାଉତ, ପବିତ୍ର କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଭୋଇ, ଅକ୍ଷୟ କାଣ୍ଡି, ସନ୍ତୋଷ ତ୍ରିପାଠୀ, ବିଭୂତି ମହାନ୍ତି, ରଞ୍ଜିତା ଦାସ, ପଦ୍ମିନ ଗଉଡ଼, ବ୍ରଜ କିଶୋର ସାହୁ, ଦାମୋଦର ବେହେରା, ସୁଶାନ୍ତ କୁମାର ସାବତ, ରମାମଣୀ ସାହୁ, ଶ୍ୟାମ ସୁନ୍ଦର ପାଇକରାୟ, ପ୍ରଫୁଲ୍ଲ ବେହେରା, ମାନସ କୁମାର ମହାନ୍ତି, ଅଞ୍ଜନା ସାହୁ, ସ୍ନେହାଶ୍ରୀ ବେହେରା, ଜିତେନ୍ଦ୍ର କୁମାର ରାଉତ, ରଞ୍ଜିତ ନାୟକ, ଦେବପ୍ରସାଦ ମହାନ୍ତି, ସଞ୍ଜୀବ ବିଶୋଇ, ସଞ୍ଜୟ କୁମାର ଦାସଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଉତ୍ତର ନିର୍ବାଚନମଣ୍ଡଳୀ ସଭାପତି ସୂର୍ଯ୍ୟକାନ୍ତୀ ଜେନା, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ସାହୁ, ୬ନମ୍ବର ୱାର୍ଡ଼ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ୧୩ନଂ ୱାର୍ଡ଼ କର୍ପୋରେଟର ଇତିଶ୍ରୀ ଦାସ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଘର ଘର ବୁଲି ବିଜେଡି କର୍ମୀଙ୍କ ପ୍ରଚାର

ନନ୍ଦନକାନନ, ୨୪।୪ (ସମିସ): ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡିର ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ପ୍ରଚଣ୍ଡ ଖରାରକୁ ଖାତିର ନକରି ଯୋଡ଼ି ଶଙ୍ଖ ପାଇଁ ନିବେଦନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଥର 'ଯୋଡି ଶଙ୍ଖ' ନାରାକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ ଏହି ଅଭିଯାନ ଜାରି ରଖିଛନ୍ତି ବୋଲି କର୍ମୀମାନେ କହିଛନ୍ତି। ଉତ୍ତର ଭୁବନେଶ୍ୱର ପାଞ୍ଚ ପଞ୍ଚାୟତରେ ଶହ ଶହ କର୍ମୀ ଟାଙ୍ଗିବନ୍ତ ଗ୍ରାମର ୩ଟି ୱାର୍ଡର ପ୍ରତି ଘର ଦୁଆର ବୁଲି ଲୋକଙ୍କ ସହ ଆଲୋଚନା କରୁଛନ୍ତି। ଏହି ପ୍ରଚାରବେଳେ ବରିମୁଣ୍ଡ ପଞ୍ଚାୟତ ସମିତି ସଭ୍ୟ ସସ୍ମିତା ବରାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁବ୍ରତ ମହାପାତ୍ର, ବୀରେନ୍ଦ୍ର ଜେନା, କିଶୋର ବେହେରା, ଗୋବିନ୍ଦ ବେହେରା, ସଚିକାନ୍ତ ଜେନା, ଗୋପାଳ ମହାନ୍ତି, ଆଲୋକ ଜେନା, କାହ୍ନା ମହାରଣା, ସଞ୍ଜୟ ସାମଲ ପ୍ରମୁଖଙ୍କ ସହ ଅଦେଇତ ଭୋଇ, ତପନ ଭୋଇ, ସୁନୀଲ ପ୍ରଧାନ, ମୁନା ସ୍ୱାଇଁ, ବିଜୟ ପ୍ରଧାନ, ଚିକୁନି ସ୍ୱାଇଁ, ରାଜା ବେହେରା, ଚିକୁନୁ ପରିଡ଼ା, ଦୀପକ ମହାନ୍ତି, ପ୍ରକାଶ ଜେନା, ରାଜୁ ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।



### ଓଡ଼ିଶା ୱଣ୍ଡର ଓମେନ୍ କନ୍‌ଭେନସନ୍ / ସମ୍ବର୍ଦ୍ଧିତ ହେଲେ ସଫଳ ମହିଳା ଉଦ୍ୟୋଗୀ



ଭୁବନେଶ୍ୱର, ୨୪।୪(ସମିସ): ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଓ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ ଓଡ଼ିଶା (ଓଏସ୍‌ଏମ୍‌ଇ)ର ମିଳିତ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା ୱାଣ୍ଡର ଓମେନ୍ କନଭେନସନ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଓଏସ୍‌ଏସ୍‌ଏମ୍‌ଇ ଓମେନ୍ ୱିଙ୍ଗର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସରକାରୀ କ୍ରୟ ନୀତି ବିଷୟରେ ଲୋକଙ୍କୁ ଅବଗତ କରିବା, ଡିଜିଟାଲ ଏବଂ ଇ-ବାଣିଜ୍ୟ ମାର୍କେଟିଂ କୌଶଳ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ମହିଳା ଉଦ୍ୟୋଗୀ ଯୋଗ ଦେଇଥିଲେ। ଏଥିରେ ପିଏସ୍‌ଇଆଇ, ଆଇଏଲଓର ମୁଖ୍ୟ ପରାମର୍ଶଦାତା ସୁଦୀପ ଭଦ୍ରା ଯୋଗଦେଇ ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶର ଲେଡି ଏଣ୍ଟରପ୍ରାଇଜେସ୍ ଅଫ୍ ଇଣ୍ଡିଆର ସଭାପତି ରମା ଦେବୀ, କେରଳର ରାଜ୍ୟ ପ୍ରତିନିଧି କୁଡୁମ୍ବଶ୍ରୀ, କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀକାନ୍ତ କୁନାୟିଲ, ଓଏସ୍‌ଏସ୍‌ଏମଇ ଓମେନ୍ ୱିଙ୍ଗ୍ କଟକର ସଭାପତି ଲୋପାମୁଦ୍ରା ମିଶ୍ର ପ୍ରମୁଖ ଯୋଗଦେଇ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଓଏସ୍‌ଏସ୍‌ଏମଇ ଭୁବନେଶ୍ୱର ଶାଖା ସଚିବ ପ୍ରତିଶ୍ରୁତି ଜେନା କହିଥିଲେ ଯେ ଏହି ସମ୍ମିଳନୀ ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ପ୍ରତିଯୋଗିତାମୂଳକ ବ୍ୟବସାୟରେ ଉନ୍ନତ ଜ୍ଞାନ, ଉତ୍ସ ଏବଂ ନେଟୱାର୍କ ସୁଯୋଗ ପ୍ରଦାନ କରିବ। ଆଇଏଲ୍‌ଏ ପରାମର୍ଶଦାତ୍ରୀ ରୀତା ମାଥୁରଙ୍କ ପରିଚାଳନାରେ 'ସାର୍ବଜନୀନ କ୍ରୟ ନୀତି-ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସୁଯୋଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ଓଏଏସ୍‌ଏମ୍‌ଇର ସେକ୍ରେଟାରୀ ଜେନେରାଲ ସାତ୍ତ୍ୱିକ ସ୍ୱାଇଁଙ୍କ ପରିଚାଳନାରେ 'ଏମଏସଇ ଉତ୍ପାଦନ ଉଦ୍ୟୋଗ-୨୦୨୪ ପାଇଁ ଓଡ଼ିଶା କ୍ରୟ ପ୍ରିପାରେସନ୍ ପଲିସି' ଉପରେ ଏକ ଆଲୋଚନା ହୋଇଥିଲା। ଏହି ଅବସରରେ ସଫଳ ମହିଳା ଉଦ୍ୟୋକଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଚୈତ୍ର ପୂର୍ଣ୍ଣିମାରେ ବିଶ୍ୱଶାନ୍ତି ହୋମଯଜ୍ଞ

ଭୁବନେଶ୍ୱର, ୨୪।୪(ସମିସ): ଚୈତ୍ର ପୂର୍ଣ୍ଣିମା ଏବଂ ହନୁମାନ ଜୟନ୍ତୀ ଅବସରରେ ମଙ୍ଗଳବାର ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ଶୋଭନୀୟ ଶିକ୍ଷ୍ୟାଶ୍ରମ ପରିସରରେ ଆନନ୍ଦମ୍ ଫାଉଣ୍ଡେସନ ଦ୍ୱାରା 'ବିଶ୍ୱଶାନ୍ତି ହୋମଯଜ୍ଞ' ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ତରଫରୁ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପୁରୋହିତ ଭାବେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗଣେଶ ପ୍ରସାଦ ସାହୁ ଏବଂ ତାଙ୍କ ପତ୍ନୀ ଚନ୍ଦ୍ରକାନ୍ତା ସାହୁ ଯଜମାନର ଦାଇତ୍ୱ ନିର୍ବାହ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟତ୍ରୀ ମମତା ପ୍ରଧାନ ଏବଂ ଅନ୍ୟ ଗୁରୁମାମାନଙ୍କ ଆନ୍ତରିକ ସହଯୋଗ ଯଜ୍ଞ କାର୍ଯ୍ୟକୁ ସଫଳ ରୂପାୟନ କରିଥିଲା। ପୂର୍ବାହ୍ଣ ୨ ଘଟିକାରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ମନୋଜ ଦାସ (ସାଧାରଣ ସମ୍ପାଦକ, ଆନନ୍ଦମ ଫାଉଣ୍ଡେସନ), ଚନ୍ଦ୍ର ରାଓ, ବିଷ୍ଣୁ ଚରଣ ସାହୁ ଉପସ୍ଥିତ ଥିଲେ।




### ଜୟନ୍ତୀରେ କବି ଦୀନକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୪(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦୀନକୃଷ୍ଣଙ୍କ କାଳଜୟୀ ରଚନା ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ଆଜି ଏହି ବରପୁତ୍ରଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୁଧବାର ପୂର୍ବାହ୍ନରେ ଏ.ଜି. ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକ ପ୍ରବୀର ମହାନ୍ତି, ଭୁବନେଶ୍ୱରର ସାମ୍ମୁଖ୍ୟ ଆବାହକ ଅକ୍ଷୟ ଜେଠୀ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଶ୍ୱିନୀ ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିଭଳି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶିକ୍ଷାବିତ୍ କାମଦେବ




ମହାପାତ୍ର କବିତା ଆବୃତ୍ତି କରିଥିବବେଳେ ଅଧ୍ୟାପକ ଡଃ ରଙ୍ଗାଧର ସାହୁ, ସମାଜସେବୀ ଗିରିଜାଶଙ୍କର ମହାପାତ୍ର, ଅକ୍ଷୟ କୁମାର ଜେଠୀ, ଅଶ୍ୱିନୀ ପଟ୍ଟନାୟକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### କର୍କଟ ରୋଗ ସଚେତନତା ଓ ସ୍କ୍ରିନିଂ କ୍ୟାମ୍ପ



ଭୁବନେଶ୍ୱର, ୨୪।୪(ସମିସ): ବିଦ୍ୟାଧର ବାରିକ ମେମୋରିଆଲ୍ ଟ୍ରଷ୍ଟ ଓ ଓଡ଼ିଶା ପତିତ ଉଦ୍ଧାର ସମିତିର ମିଳିତ ଉଦ୍ୟମରେ ମାଗଣା କର୍କଟ ରୋଗ ସଚେତନତା ଓ ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏମ୍ସର କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସୌରଭ ମିଶ୍ର, ପ୍ରଜ୍ଞାପାରମିତା ଗିରି, କେଶବ ଶର୍ମା, ମନସ୍ତତ୍ତ୍ୱବିତ୍ ସ୍ୱସ୍ତି କିରନ୍, କିନ୍ନର ସୋନମ ମହାପାତ୍ର ଓ ଚିନ୍ମୟୀ ଦାଶ ଅତିଥି ଭାବେ ଯୋଗ ଦେଇଥଲେ। ଏହି କାର୍ଯ୍ୟକ୍ରମରେ କିନ୍ନର ଓ ଦେହଜୀବୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମୁଖ୍ୟ ମନୋଜ ବାରିକ ପରିଚାଳନା କରିଥିବାବେଳେ ଟ୍ରଷ୍ଟି ନୀନା ସାହୁ, ମୋନାଲିସା ମହାନ୍ତି, କବିତା ସୁବୁଦ୍ଧି, ସମ୍ବିତ ମହାନ୍ତି, ରଞ୍ଜନ ଦାଶ, ସୌମ୍ୟ ସହଯୋଗ କରିଥିଲେ।

### ବିରଞ୍ଚି ନାରାୟଣ ବାବାଙ୍କ ମହାପ୍ରୟାଣ

ଭୁବନେଶ୍ୱର, ୨୪।୪ (ସମିସ): ଭୁବନେଶ୍ୱର ଖଣ୍ଡଗିରି ପାହାଡ଼ସ୍ଥିତ ଲଲାଟେନ୍ଦୁ କେଶରୀ ଆଶ୍ରମର ସାଧକ ତଥା ବାବା ବିରଞ୍ଚି ନାରାୟଣ ମହାରାଜ (୫୧)ଙ୍କର ମହାପ୍ରୟାଣ ଘଟିଛି। ସେ ଗୁରୁତର ଅବସ୍ଥାରେ ଖବରପାଇ କର୍ପୋରେଟର ଅଶ୍ୱିନୀ ସୁନ୍ଦରରାୟ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ରୋଜାଲିନ ଆଚାର୍ଯ୍ୟ, ଲୋକନାଥ ଆଚାର୍ଯ୍ୟ, ମଞ୍ଜୁଲତା ଡାକୁଆ, ନିତ୍ୟାନନ୍ଦ ସ୍ୱାଇଁ, ଯଯାତି କେଶରୀ ମିଶ୍ର, ଲକ୍ଷ୍ମୀଧର ଦେହୁରୀ, କୈଳାସଚନ୍ଦ୍ର ସାମନ୍ତରାୟ, ମିଟୁ ସାହୁ, ରାଜେନ୍ଦ୍ର ବିଶ୍ୱାଳ, ଦିପ୍ତୀରଞ୍ଜନ ନାୟକ, ଲକ୍ଷ୍ମୀପ୍ରିୟା ଦାସ, ପ୍ରତିମା ଦାସ ଓ ଆଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ପାଠପଢ଼ାରୁ ବିରତି ପରେ... ଖରାଛୁଟି: ମାମୁଘର ନୁହେଁ; ଏବେ ସମର୍ କ୍ୟାମ୍ପ

ଭୁବନେଶ୍ୱର, ୨୪।୪(ସମିସ):



ଖରାଛୁଟି ଆଉ ମାମୁଘର... ବାର୍ଷିକ ପରୀକ୍ଷା ସରୁ ସରୁ ଭାବନା ରାଜ୍ୟରେ ବୁଲୁଥିବା ପିଲାମାନଙ୍କ ମନରେ ଦେଉଥିଲା ଅଫୁରନ୍ତ ଆନନ୍ଦ। କେମିତି ସାଙ୍ଗସାଥୀଙ୍କ ସହ ଭେଟ ହେବ, ବୁଲାବୁଲି ଜମିବ ଖେଳକୁଦରେ ସମୟ ବିତିବ ତା'ର ଯୋଜନା ପ୍ରସ୍ତୁତି ସହ ଅପେକ୍ଷା ରହୁଥିଲା ସ୍କୁଲ ଛୁଟି ଘୋଷଣାକୁ। ହେଲେ ସମୟ ବଦଳିବା ସାଙ୍ଗକୁ ପିଲାମାନଙ୍କ ରୁଚି, ପାଠପଢ଼ାରେ ସହରୀ ପ୍ରତିଦ୍ୱନ୍ଦ୍ୱିତା ଏସବୁରେ ଆଣିଛି ବିରାଟ ପରିବର୍ତ୍ତନ। ଏବେ ସମୟ ପାଇଲେ ଅଭିଭାବକମାନେ ପିଲାମାନଙ୍କୁ ମାମୁଘର ବଦଳରେ ସମର କ୍ୟାମ୍ପର ରାସ୍ତା ଦେଖାଇ ଦେଉଛନ୍ତି।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯାଇଥାଏ। ଏହି ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଯାଏ ସମର୍ କ୍ୟାମ୍ପ୍। ପାଠପଢ଼ାରୁ ସାମନ୍ୟ ବିରତି ମିଳିଲେ ପିଲାଙ୍କୁ କଳା, କାରିଗରୀ ସାଙ୍ଗକୁ ଦକ୍ଷତା ବିକାଶ କ୍ଷେତ୍ରରେ ଉନ୍ନତ କରାଇବାକୁ ଅଭିଭାବକମାନେ ଆପଣେଇଥାନ୍ତି ସମର୍ କ୍ୟାମ୍ପ୍‌କୁ। ବର୍ତ୍ତମାନ ରାଜଧାନୀରେ ବିଭିନ୍ନ ବିଦ୍ୟାଳୟ, ନୃତ୍ୟାନୁଷ୍ଠାନ, ଯୋଗାନୁଷ୍ଠାନ ଆଦିରେ ସମର କ୍ୟାମ୍ପ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ସନ୍ତରଣଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ସ୍କେଟିଂ, ଜୁମ୍ବା, ଏରୋବିକ୍ସ, ଯୋଗ, ଚିତ୍ରାଙ୍କନ ସାଙ୍ଗକୁ ଟେରାକୋଟା ଓ ପାରମ୍ପରିକ କଳା ଶିଖିବା ପାଇଁ ପ୍ରସ୍ତୁତ ହୋଇଛି। ଏଥିପାଇଁ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ ଖରା ଛୁଟିରେ ପିଲାମାନଙ୍କ ଦକ୍ଷତା ବିକାଶ ପାଇଁ ବିଭିନ୍ନ ପଦକ୍ଷେପମାନ ନେଇଛନ୍ତି। ଯାହା ସାମାଜିକ ଗଣମାଧ୍ୟମ ଜରିଆରେ ପିଲାମାନଙ୍କୁ ଆକୃଷ୍ଟ କରୁଛି। ବର୍ତ୍ତମାନ ରାଜଧାନୀରେ ସମର୍ କ୍ୟାମ୍ପର ଡେଷ୍ଟିନେସନ୍ ପାଲଟିଛି କଳିଙ୍ଗ ମଲ୍ଟି ଷ୍ଟାଡିୟମ୍।

ଏଥର ସମର ଡେଷ୍ଟିନେସନ୍ ପାଲଟିଛି କଳିଙ୍ଗ ମଲ୍ଟି ଷ୍ଟାଡିୟମ୍। ଚଳିତ ବର୍ଷର ପ୍ରଥମ ବ୍ୟାଚ୍ ଏପ୍ରିଲ ମାସ ୧ ତାରିଖଠାରୁ ଆରମ୍ଭ ହୋଇଥିବାବେଳେ ଦ୍ୱିତୀୟ ବ୍ୟାଚ୍ ମଇ ୨ ତାରିଖରୁ ଆରମ୍ଭ ହେବ। ପ୍ରଥମ ବ୍ୟାଚ୍‌ରେ ବିଭିନ୍ନ ଜିଲ୍ଲାରୁ ୧୫୦୦ ପିଲା ସାମିଲ ହୋଇଛନ୍ତି। ଏହି ଗ୍ରୀଷ୍ମ ଶିବିରରେ କ୍ରୀଡ଼ା, ସନ୍ତରଣ, ଜୁଡୋ, ବାସ୍କେଟବଲ, ଫୁଟବଲ୍, ଭଲି ବଲ୍, ଫେନ୍‌ସିଂ, କବାଡ଼ି, ଖୋ ଖୋ, ସୁଟିଂ, ଲନ୍ ଟେନିସ୍, ୱେଟ୍ ଲିଫ୍ଟିଂ, ଚେସ୍, ରେସଲିଂ, ହକି, ଜିମ୍ନାଷ୍ଟିକସ୍ ଆଦି ବିଭିନ୍ନ କ୍ରୀଡ଼ା ସମେତ ଦକ୍ଷତା ବିକାଶ ଉପରେ ମଧ୍ୟ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଯେଉଁଥିରେ ଉତ୍ତମ ବ୍ୟବହାର, ନୂତନ ଜିନିଷ ବିଷୟରେ ଜାଣିବା, ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ କରିବା, ନେତୃତ୍ୱ ଭଳି ମୂଲ୍ୟବୋଧ ସୃଷ୍ଟି କରିବା ସମେତ ମଜା ମସ୍ତି ସହ ଭରପୁର ଉପଭୋଗ କରୁଛନ୍ତି ପିଲାମାନେ। ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ପିଲମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କଳିଙ୍ଗ ଷ୍ଟାଡିୟମ, ଯେଉଁଠାରେ ବହୁ କ୍ରୀଡ଼ାବିତ୍ ଓଡ଼ିଶାର ନାଁକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇପାରିଛନ୍ତି ସେହିଠାରେ ହିଁ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବଢ଼ିବା ସହ ସଫଳତା ପାଇଁ ପ୍ରେରଣା ମିଳୁଛି। ତେବେ ଏହି ଶିବିରରେ ଅଂଶଗ୍ରହଣ କରିବାକୁ ପିଲାମାନଙ୍କୁ କେବଳ ୫୦୦ଟଙ୍କା ରେଜିଷ୍ଟ୍ରେସନ୍ ଫି ଦେବାକୁ ପଡୁଛି। ଏକ ମାସ ଅବଧିର ଏହି ଗ୍ରୀଷ୍ମ ଶିବିରରେ ୮ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ବାସ୍କେଟ ବଲ୍ କୋଚ୍ ସ୍ମରିତା ସାମନ୍ତରାୟ କହିଛନ୍ତି ଯେ, ଏହି ଶିବିର ପିଲାମାନଙ୍କ ସାମଗ୍ରିକ ବିକାଶ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସମସ୍ତଙ୍କ ମଧ୍ୟରେ କ୍ରୀଡ଼ା ଭାବନା ସୃଷ୍ଟି କରିବ। ଏହି ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ। ପ୍ରତି ୧୫ ମିନିଟ୍‌ରେ ବ୍ରେକ୍ ଦିଆଯାଇ ପାନୀୟ ପ୍ରଦାନ କରାଯାଇଥାଏ। ସେହିପରି ଆଥିଲେଟିକ୍ ପ୍ରୋଗ୍ରାମ୍‌ର କୋଚ୍ ସଞ୍ଜୟ କୁମାର ଗଡ଼ନାୟକ କହିଛନ୍ତି ଯେ, ପିଲାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ବେଶ୍ ଉତ୍କଣ୍ଠିତ ଅଛନ୍ତି। ତେବେ ସେମାନଙ୍କ ନିଜ ପସନ୍ଦର ଖେଳରେ ତାଲିମ୍ ଦିଆଗଲେ ସେମାନେ ବେଶ୍ ଖୁସି ହେବା ସହ ଉକ୍ତ ଖେଳରେ ଭଲ ପ୍ରଦର୍ଶନ କରି ଓଡ଼ିଶାର ନାଁ ରଖିବେ। ଏହି ଶିବିର ପୁରୀ, ରାଉରକେଲା, ଜୟପୁର, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ ମଧ୍ୟ ଆରମ୍ଭ ହୋଇଛି।





